# ପିଲାଙ୍କ କଥା (ସାଦ୍‌ରୀ)

## ପ୍ରଥମ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧାରରେ ପିଲା ଓ ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ସାଦ୍‌ରୀ ସଂସାଧକ ମଣ୍ଡଳୀ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**

ପ୍ରସ୍ତୁତି
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

Director :
**Prof. (Dr.) A.B. Ota**

Prepared by :
**Sadri Resource Group**

Co- ordinator :
**Dr. Paramananda Patel**

Illustration :
**Priyaranjan Baral**

Organised by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକର ଅନେକ ଉପଭାଷା ; ବୋଲି ତିଆରି କରି ଦେଇଛି , ତେଣୁ ବିସ୍ତରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅଡୁଆ କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀର ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରକ ବୁଝିବାରେ ସକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ , ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ ପରିବେଶ ପ୍ରସ୍ତୁତ ହୁଏ , ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକ ମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପ୍ରର୍ଯ୍ୟାୟ କ୍ରମେ ତାଲିମ୍ ଦିଆଯାଉଛି । ଦ୍ୱିତୀୟତଃ ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବାପାଇଁ ତାଙ୍କ ଭାଷା ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ-ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଇଅଛି । ଏହି ପୁସ୍ତିକା ସଂକଳନରେ ସୁନ୍ଦରଗଡ଼ ଅଞ୍ଚଳର ଅନେକ ଲୋକ ତତ୍ତ୍ୱବିଦ୍ ସହଯୋଗ କରି ପ୍ରକାଶନ ଉପଯୋଗୀ କରିଛନ୍ତି । ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ପାଇବେ ।

ଅଖିଳ ବିହାରୀ ଓତା

# ଭାଲୁକେର୍ ଡୁମେର୍ ଖାଏକ୍

## (ଭାଲୁର ଡିମିରି ଖିଆ)



ଗୋଟେକ୍ ଢ଼େର୍ ବାଲ୍କା ଜାଙ୍ଗାଲ୍ ରାହେ । ଓହେ ଜାଙ୍ଗାଲ ମେ ଭାଲୁ ଘାର୍ କାଇର୍କେ ରାହାତ୍ରାହେ । ଏକ ଦିନ ଭାଲୁ କେ ଡୁମେର୍ ଖାଏକ୍ ମାନ୍ ଲାଗ୍ଲାକ୍ । ଉ ଗଟା ଜାଙ୍ଗାଲ୍ ଖୋଇଜ୍ ଘୂମ୍ଲାକ୍ ଲେକିନ୍ ନି ପାଲାକ୍ । ଜାଙ୍ଗଲ୍କାର୍ ହେଁଟେ ମେ ଉ ଏକ୍ ଡୁମେର୍ ଗାଛ୍ ପାଲାକ୍ । ଡୁମେର୍ ପାଇକ୍କେ ମାହା ମାହାକାତ୍ ମାହାଡ୍ ରାହାଲାକ୍ । ଉକେ ଖାଏକ୍ କେ ମାନ୍ ଲାଗ୍ଲାକ୍ ।ଭାଲୁ କେ ଦେଇଖ୍କେ ବାନ୍ଦ୍ରାମାନ୍ ନିଚେ ଉତେର୍ ଗେଲାଏଁ ।



ବହୁତ ବଡ ଜଙ୍ଗଲଟିଏ ଥିଲା । ଜଙ୍ଗଲରେ ଗୋଟିଏ ଭାଲୁ ବାସ କରୁଥିଲା । ଥରେ ଭାଲୁକୁ ଡିମିରି ଖାଇବାକୁ ଇଛା ହେଲା । ସେ ସାରା ଜଙ୍ଗଲ ବୁଲି ଖୋଜିଲା । କିନ୍ତୁ ପାଇଲା ନାହିଁ । ଜଙ୍ଗଲର ଶେଷ ପ୍ରାନ୍ତରେ ସେ ଗୋଟିଏ ଡିମିରି ଗଛ ପାଇଲା । ଡିମିରି ଫଳ ପାଚି ସ୍ୱାଦରେ ମହକି ଯାଉଥିଲା । ତାକୁ ଖାଇବାକୁ ଇଛାହେଲା । ଭାଲୁକୁ ଦେଖି ମାଙ୍କଡମାନେ ଓହ୍ଲାଇ ପଡ଼ିଲେ ।



ଭାଲୁ ଖାଏକାର୍ ଲୋଭ ମେ ଗାଛ୍ ମେ ତୁର୍‌ଥେ ଚାଇଢ଼୍ ଗେଲାକ୍ । ଡୁମେର୍ ଫାର୍‌କେ ପେଟ୍ ଭାଇର୍ ଖାଲାକ୍ । ଡୁମେର୍ ଯେତ୍‌ନା ନିଚେ ଗିରାତ୍ ରାହାଲାକ୍ ଉକେ ବାନ୍ଦ୍‌ରାମାନ୍ ଖାତ୍ ରାହାଲାଏଁ । ଭାଲୁ ଖାଲାକ୍ ଆଉର୍ ଉତ୍‌ରେକ୍ ନି ପାର୍‌ଲାକ୍ । ଭାଲୁ ଆଗେ ଆରା ନା ପିଛେ ଆରା ଖାସ୍‌କେକ୍ ହୁଁ ନି ପାର୍‌ଲାକ୍ । ପାଛେ ଦୁଲ୍ କାଇର୍‌କେ କାଚ୍‌ଡ଼ାଏ ହୋଏକେ ଗିର୍‌ଲାକ୍ । ଗାଛ୍ କାର୍ ନିଚେ ବାନ୍ଦ୍‌ରାମାନ୍ ରାହାଲାଏଁ । ଭାଲୁ ଯେ କାଚ୍‌ଡ଼ାଏ ହୋଏକେ ଗିର୍‌ଲାକ୍ କଟିକ୍ ଲାଗିନ୍ ବାନ୍ଦ୍‌ରା ଛୁଆକାର୍ ଉପରେ ନି ଗିରଲାକ୍ । ନିହିଲେ ବାନ୍ଦ୍‌ରାଛୁଆ ମାଇର୍ ଯାଇକ୍ ରାହାତାକ୍ ।

ଭାଲୁ ଖାଇବା ଲୋଭରେ ଖୁବ୍ ଶିଘ୍ର ଗଛ ଉପରକୁ ଚଢିଗଲା । ଡିମିରି ଫଳ ପେଟ ପୁରା ଖାଇଲା । ଡିମିରି ଯାହା ତଳକୁ ପଡୁଥିଲା ତାକୁ ମାଙ୍କଡମାନେ ଖାଉଥିଲେ । ଖାଇ ସାରିଲା ପରେ ଭାଲୁ ଓହ୍ଲାଇ ପାରିଲା ନାହିଁ । ଭାଲୁ ଆଗକୁ ନା ପଛକୁ ଖସକି ପାରିଲା ନାହିଁ । ଶେଷରେ ଢୋ କିନା କଚାଡି ହୋଇ ପଡିଲା । ଗଛ ତଳେ ମାଙ୍କଡ ଦଳ ଥିଲେ । ଭାଲୁ କଚାଡି ହୋଇ ପଡିଲା ।  ଅଳ୍ପକେ ମାଙ୍କଡ ଛୁଆ ବର୍ତ୍ତିଗଲା , ନ ହେଲେ ସେ ଚାପି ହୋଇ ମରିଯାଇଥାନ୍ତା ।

ଭାଲୁକାର୍ ଗିରେକ୍ ଦେଇଖ୍‌କେ ବାନ୍ଦ୍‌ରାମାନ୍ ଯୋର୍ ସେ ଭାଗ୍‌ଲାଏଁ। ଉ ମାନ୍ କୁଇଦ୍ କେ ଆଲ୍‌ଗା ଜାଙ୍ଗାଲ ଗେଲାଏଁ। ଆଉର୍ ଗୋଟେକ୍ ବାର୍‌ଗାଛ ମେ ବାଇଠ୍ କେ ଶୋଚେକ୍ ଲାଗଲାଏଁ। ଉ ମାନ ବୈଠ୍‌କେ ଶୋଚାତ୍ ରାହାଏଁ ଆଗାର୍ ଇ ଛୁଆ ଉପର୍ ଭାଲୁ ଗିର୍ ରାହାତାକ୍ ହଲେ ଛୁଆକାର୍ ଆବାସ୍ଥା କୈସେନ୍ ହୋଇ ରାହାତାକ୍। ଉ ମାନ୍ ଆଉର ଡୁମେର୍ ଗାଛ୍ କେ ପାସ୍ ନି ଗେଲାଏଁ। ଭାଲୁ ହୁଁ ଡୁମେର୍ ଗାଛ୍ ଉପର ନି ଚାଢ୍‌ଲାକ୍ ।

ଭାଲୁର ପଡିବାର ଦେଖି ମାଙ୍କଡ ଦଳ ବହୁତ ଯୋର୍‌ରେ ଦୌଡି ପଳାଇଲେ। ଦୌଡି ଯାଇ ସେମାନେ ଅନ୍ୟ ଜଙ୍ଗଲରେ ଗୋଟିଏ ବରଗଛରେ ଚିନ୍ତା କରି ବସିଲେ। ସେମାନେ ଚିନ୍ତା କରୁଥିଲେ କି ଯଦି ଏଇ ଛୁଆ ଉପରେ ଭାଲୁ ପଡିଥାନ୍ତା, ତାହେଲେ ଏହାର ଅବସ୍ଥା କଣ ହୋଇଥାନ୍ତା।ସେମାନେ ଡିମିରି ଗଛମୂଳରେ ଗଲେନାହିଁ। ଭାଲୁ ମଧ ଡିମିରି ଗଛ ଉପରକୁ ଚଢିଲାନାହିଁ।



# ସନା ପିଞ୍ଜ୍‌ରା
# (ସୁନା ପଞ୍ଜୁରୀ)

ବାହୁତ୍ ବାରାଷ୍ କାର୍ କାଥା । ଗୋଟେକ୍ ରାଜା ରାହେ । ଏକଦିନ୍ ଉ ଆପାନ୍ ଫାଉଜି ମାନ୍‌କେର୍ ସାଥ୍ ଲାଡ଼େକ୍ ଲାଗିନ୍ ଦୁସ୍‌ରା ରାଏଜ୍ ଗେଲାକ୍ । ଦୁୟୋ ଫାଉଜିମାନ୍ ଯୋରଦାର୍ ଲାଡ଼୍‌ଲାଏଁ । ଲାଡ଼େଇ ମେ ଦୁୟୋ ପାଖିଆକାର୍ ଶାଅ ଶାଅ ଫାଉଜିମାନ୍ ମର୍‌ଲାଏଁ । ଆଉର୍ କୁଛୋ ଫାଉଜିମାନ୍ ଖେଣ୍ଡିଆ ଖାବରା ହଲାଏଁ । ରାଜା ହୁଁ ଖଣ୍ଡିଆ ଖାବରା ହଲାକ୍ । ଲାଡ଼େଇମେ ଶାତୃମାନ ଡାର୍‌ହେ ଭାଗଲାଏଁ ।

ବହୁତ ବର୍ଷ ତଳର କଥା ଗୋଟିଏ ରାଜାଥିଲେ । ଥରେ ସେ ସୈନ୍ୟ-ସାମନ୍ତ ଧରି ଯୁଦ୍ଧ କରିବାକୁ ଗଲେ । ଦୁଇ ପକ୍ଷ ସୈନ୍ୟମାନଙ୍କ ସହିତ ଘମାଘୋଟ ଯୁଦ୍ଧ ହେଲା । ଯୁଦ୍ଧର ଦୁଇ ପକ୍ଷର ଶହ ଶହ ସୈନ୍ୟସାମନ୍ତମାନେ ମୃତ୍ୟୁ ବରଣ କଲେ । ଆଉ କିଛି ସୈନ୍ୟସାମନ୍ତମାନେ ଖଣ୍ଡିଆ ଖାବରା ହେଲେ । ରାଜା ମଧ୍ୟ ଖଣ୍ଡିଆ ଖାବରା ହେଲେ । ଯୁଦ୍ଧରେ ଶତ୍ରୁମାନେ ପଳାୟନ କଲେ ।





ରଜା ଜାୟଯୁକ୍ତ ହୋଇ କେ ଆପାନ୍ ରାଇଜ୍ ଘୁର୍‌ଲାଏଁ । ରାଜାକେର୍ ଗାତାର୍‌ମେ ଢ଼େର୍ ଚୋଟ୍ ଲାଇଗ୍ ରାହାଲାଗ୍ । ଉକାର୍ ଲାଗିନ୍ ଉକେ ଢ଼େର୍ କାଷାଟ୍ ଲାଗାତ୍ ରାହାଲାକ୍ । ଉକେ ରାଜ୍‌ପରିବାର ଆଦ୍‌ମି ବିଶ୍ରାମ ଘାରେ ରାଖ୍‌ଲାଏଁ । ରାନୀ ଆଉର୍ ଦାସ୍‌ଦାସୀ ମାନେ ଉକେ ସେଓ୍ୱା କାରଲାଏଁ । ଏକ୍ ଦିନ୍ ରାଜା ବିଶ୍ରାମ ଘାରେ ଶୋଇତ ରାହାଲାକ୍ । ଇ ସାମାୟ୍ ମେ ବାଗିଚାକାର ଏକ ଚାରେଇ ସୁନ୍ଦାର୍ ଗୀତ୍ ଗାଲାକ୍ । ଗୀତ୍ ଶୁଇନ୍‌କେ ରାଜାକେର୍ ମାନ୍ ଖୁସ୍ ହୋଇ ଗେଲାକ୍ । ଆଉର୍ ଉକାର୍ ବାଥା ପିର୍‌ହା ବି ଠିକ୍ ହୋଇ ଗଲାକ୍ । ରାଜା ଉ ଚାରେଇକେ ଧାଇର ଆନେକ ଲାଗିନ୍ ମାନ୍ତ୍ରୀମାନ୍‌କେ ଆଦେଶ ଦେଲାଏଁ । ମନ୍ତ୍ରୀ ସବ୍ ଫାଉଜି, ଦାସ୍ ଦାସୀ ଆଉର୍ ପାର୍‌ଜା ମାନ୍‌କେ ଚାରେଇ କେ ଧାରେକ୍ ଲାଗିନ୍ ଆଦେଶ ଦେଲାଏଁ ।

ରାଜା ଜୟଯୁକ୍ତ ହୋଇ ନିଜ ରାଜ୍ୟକୁ ଫେରିଲେ । ଗୋଟିଏ ଦିନ ବିଶ୍ରାମ ନେଇ ଘରେ ଶୋଇଥିବା ବେଳେ ବଗିଚାରେ ଥିବା ପକ୍ଷିଟିଏ ସୁନ୍ଦର ଗୀତ ଗାଇଲା । ଏହି ଗୀତ ଶୁଣି ରାଜାଙ୍କ ମନ ଆନନ୍ଦରେ ଭରିଗଲା । ତାଙ୍କର ଯନ୍ତ୍ରଣା ମଧ୍ୟ ସଂପର୍ଣ୍ଣ ଉପଶମ ହୋଇଗଲା । ତେଣୁ ରାଜା ସେହି ପକ୍ଷିଟିଙ୍କୁ ଧରି ଆଣିବା ପାଇଁ ମନ୍ତ୍ରୀଙ୍କୁ ଆଦେଶ ଦେଲେ । ମନ୍ତ୍ରୀ ସମସ୍ତ ସୈନ୍ୟ ସାମନ୍ତ, ଦାସ ଦାସୀ ଏବଂ ପ୍ରଜାମାନଙ୍କୁ ପକ୍ଷୀଟିଙ୍କୁ ଧରିବା ପାଇଁ ଆଦେଶ ଦେଲେ ।

ଇ ଗୁଇଠ୍ ଶୁଇନ୍‌କେ ରାଜା ମନ୍ତ୍ରୀକେ ବଲାଏକେ କାହାଲାଏଁ-ତୋହ୍‌ରେ ଚାରେଇକେ ଯାଇସନୋ ଭି ଧାଇର୍ କେ ଲାନା । ଦାରକାର ପାଡି ହଲେ ଜାଙ୍ଗାଲ କାଇଟ୍ କେ ସାଫା କାଇର୍ ଦେଓ୍ୱା । ଚାରେଇକେ ଧାରେକ୍ ଲାଗିନ୍ ସାବ୍ ଜାଙ୍ଗାଲ୍ ଗେଲାଏଁ । ଜାଙ୍ଗାଲ୍‌କାର୍ ଚାରିଅ ବାଟେ ଜାଲ୍ ବିଛାଲାଏଁ । କୁଛ୍ ଆଦ୍‌ମି ଜାଙ୍ଗଲ କେ କାଟେକ୍ ଲାଗିନ୍ ସୁରୁ କାଲାଏଁ । ଧୀରେ ଧୀରେ ଜାଙ୍ଗାଲ କାଟାଏକେ ସାଫ୍ ହୋଇ ଗେଲାକ୍ । ଆକ୍ଷୀରିମେ ଚାରେଇକେ ଧାରେକ୍ ଲାଗିନ୍ ସାଫଲ୍ ହଲାଏଁ । ଚାରଇକେ ଧାଇର୍ କେ ରାଜାଠିନ୍ ଲାନଲଲାଏଁ । ରାଜା ଚାରଇକେ ସନା ପିଞ୍ଜରାମେ ରାଖ୍‌ଲାକ୍ ।

ପକ୍ଷୀଟିକୁ ଧରିବା ପଇଁ ବଗିଚାର ଚାଟିପଟେ ଜାଲ ବିଛେଇଲେ ।  କିନ୍ତୁ ପକ୍ଷୀଟିକୁ ଧରି ପାରିଲେ ନାହିଁ । ପକ୍ଷୀ ଉଡି ପାଖ ଜଙ୍ଗଲକୁ ଚାଲିଗଲା ଏହି କଥା ଶୁଣି ରାଜା ମନ୍ତ୍ରୀଙ୍କୁ ଡାକି କହିଲେ-ତୁମେ ପକ୍ଷୀଟିକୁ ଯେମିତି ବି ଧରିଆଣ, ଦରକାର ପଡିଲେ ଜଙ୍ଗଲଟିକୁ କାଟି ପଦା କରିଦିଅ । ପକ୍ଷୀଟିକୁ ଧରିବା ପାଇଁ ସମସ୍ତେ ଜଙ୍ଗଲକୁ ଗଲେ । ଜଙ୍ଗଲର ଚାରିପଟେ ଜାଲ ବିଛାଇଲେ । କିଛି ଲୋକମାନେ ଜଙ୍ଗଲ କାଟିବା ଆରମ୍ଭ କଲେ ।  ଧୀରେ ଧୀରେ ଜଙ୍ଗଲକୁ କାଟି ସଫା କରିଦେଲେ ।



ରାନୀ ରାନ୍ଧାଘାର୍‌ସେ  ସନା ଥାରିୟା ମେ ରାଙ୍ଗୀନ୍ ଆହାର୍ ଲାନ୍‌ଲାକ୍ । ଦାସ ଦାସୀ ମାନ୍ ଚାରେଇ ଲାଗିନ୍ ହାରେକ୍ ରାକାମ୍‌କାର୍ ଫାଲ୍‌ମୂଲ୍ ଲାନ୍‌ଲାଏଁ । ଚାରେଇ କନୋ ଆହାରକେ ନି ଖାଲାକ୍ କି ଗୀତ୍ ହୁଁ ନି ଗାଲାକ୍ । ଚାରେଇ ପିଞ୍ଜ୍‌ରା ଭିତରେ ବାନ୍ଦୀ ହୋଇକେ ରାହାଲାକ୍ । କନୋ ଆହାର ନି ଖାଇକ୍ ମେ ଉକାର ଗାତାର୍ ଖାରାପ୍ ହୋଇ ଗେଲାକ୍ । ଉ ଧିରେ ଧିରେ ସବ୍‌ଦିନ୍ ଲାଗିନ୍ ଆଇଁଖ୍ ବୁଇଜ୍ ଦେଲାକ୍ ।

କିଛି ଲୋକ ଜଙ୍ଗଲକୁ କାଟିବା ପରେ ପକ୍ଷୀଟିକୁ ଧରି ରାଜାଙ୍କ ପାଖକୁ ଆଣିଲେ । ରାଜା ପକ୍ଷୀଟିକୁ ସୁନା ପଞ୍ଜୁରୀରେ ରଖିଲେ । ରାଣୀ ରୋଷେଇଶାଳାରୁ ସୁନା ଥାଳିରେ ରଙ୍ଗୀନ ଖାଦ୍ୟ ଆଣିଲେ । ଦାସ ଦାସୀମାନେ ପକ୍ଷୀ ପାଇଁ ବିଭିନ୍ନ ପ୍ରକାର ଫଳମୂଳ ଆଣିଲେ । ପକ୍ଷୀ କୌଣସି ଖାଦ୍ୟକୁ ଖାଇଲା ନାହିଁ କି ଗୀତ ଗାଇଲା ନାହିଁ । ଚଢେଇ ପଞ୍ଜୁରି ମଧ୍ୟରେ ବନ୍ଦୀ ହୋଇ ରହିଲା । କୌଣସି ଖାଦ୍ୟ ନ ଖାଇବା ଫଳରେ ତା ସ୍ୱାସ୍ଥ୍ୟ ଖରାପ ହୋଇଗଲା । ସେ ଧିରେଧିରେ ସବୁଦିନ ପାଇଁ ଆଖି ବୁଜିଲା ।



# ଦୁୟୋ ସାହିଆ
## (ଦୁଇ ସଙ୍ଗାତ)

ଢ଼େର୍ ଦିନ୍‌କେର୍ କାଥା । ଗୋଟେକ୍ ବାଡ଼୍‌କା ନାଦୀ ରାହେ । ନାଦୀ ଲାଇଗ୍ କେ ଗୋଟେକ୍ ଜାଙ୍ଗାଲ୍ ରାହେ । ଜାଙ୍ଗାଲ୍‌ମେ ହାରେକ୍ ରାକମ୍‌କାର୍ ପାଶୁ ଚାରେଇ ରାହାଲାଏଁ । ଏକ୍‌ବେର୍ ବାହୁତ୍ ବାର୍ଷା ହଲାକ୍ । ବାର୍ଷା କେ ଚାଲ୍‌ତେ ନାଦୀ ମେ ବାଇଢ୍ ହୋଇଗେଲାକ୍ । ନାଦୀ ବାଢ ମେ ଜାଙ୍ଗାଲ୍‌କାର୍ ଢେର ପାଶୁ ଚାରେଇ ଭାସାଏ ଗେଲାଏଁ । ଜାଙ୍ଗାଲ୍ ଆଉର୍ ଖେତ୍‌ବାଡି ନାଷ୍ଟ ହୋଇ ଗେଲାକ୍ । ଜାଙ୍ଗାଲ୍ ମେ ଖାଲି ଗୋଟେକ୍ ସିକ୍‌ଟା ବାଇଞ୍ଝ୍‌କେ ରାହାଲାକ୍ । ଜାଙ୍ଗଲ ମେ ଏକଲା ସିକଟାକେ ବେଶ୍ ନି ଲାଗ୍‌ଲାକ୍ ।

ବହୁ ଦିନର କଥା । ଗୋଟିଏ ନଦୀ ଥିଲା । ନଦୀକୁ ଲାଗି ଗୋଟିଏ ଜଙ୍ଗଲ ଥିଲା । ଜଙ୍ଗଲରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ଥିଲେ । ଥରେ ପ୍ରବଳ ବର୍ଷା ହେଲା । ବର୍ଷା ହେବାରୁ ନଦୀରେ ବନ୍ୟା ଦେଖାଗଲା । ବନ୍ୟାରେ ଜଙ୍ଗଲର ବହୁତ ପଶୁ ପକ୍ଷୀ ଭାସିଗଲେ । ଜଙ୍ଗଲ ଓ ଖେତ ବାଡି ନଷ୍ଟ ହୋଇଗଲା । ଜଙ୍ଗଲରେ ମାତ୍ର ଗୋଟିଏ ବିଲୁଆ ବଞ୍ଚିରହିଲା । ଜଙ୍ଗଲରେ ଏକାକି ବିଲୁଆକୁ ଭଲ ଲାଗିଲା ନାହିଁ ।



ସେକାର୍ ଲାଗିନ୍ ଉ ଗୋଟେକ୍ ସାଙ୍ଗ୍ ଖୋଜେକ୍ ଲାଗିନ୍ ନିକିଲାକ୍ । ଉ ଚାରିଅ ବାଟେ ଖଜ୍‌ଲାକ୍ ଲେକିନ୍ ନି ପାଲାକ୍ । ଆଖୀର ମେ ଉ ଖେତ୍‌କାର୍ ଗୋଟେକ୍ ଢେଲା ସାଙ୍ଗେ ସାହିଆ ଯରାଲାକ୍ । ଏକ୍‌ଦିନ୍ ଦୁୟୋ ସାହିଆ କେ ମାଛରି ଖାଏକେ ଲାଗିନ୍ ମାନ୍ ହଲାକ୍ । ଉକାର୍ ଲାଗିନ୍ ଉ ମାନ୍ ଖେତ୍ ଖେତ୍ ବୁଲ୍‌ଲାଏଁ । ଆଖୀରି ମେ ଉ ମାନ୍ ଗୋଟେକ୍ ଛଟେ ସେ ଡଭା ପାଲାଏଁ । ଦେଖଲାଏଁ କି ଡଭା ମେ ଢେର୍ ମାଛରି ଆହାଏଁ ।

ତେଣୁ ସେ ତା ପାଇଁ ଏକ ସାଙ୍ଗ ଖୋଜିବାକୁ ବାହାରିଲା । ସେ ଚାରିଆଡେ ଖୋଜିଲା କିନ୍ତୁ ପାଇଲା ନାହିଁ । ଶେଷରେ ସେ କ୍ଷେତରେ ଥିବା ଗୋଟିଏ ଢେଲା ସହିତ ମିତ ବସିଲା । ଦିନେ ଦୁହିଁ ମିତଙ୍କୁ ମାଛ ଖାଇବାକୁ ଇଛା ହେଲା । ତେଣୁ ସେମାନେ ମାଛ ପାଇଁ କ୍ଷେତ କ୍ଷେତ ବୁଲିଲେ । ଶେଷରେ ସେମାନେ ଛୋଟ ଗାଡିଆଟିଏ ପାଇଲେ । ଦେଖିଲେ ଗାଡିଆରେ ବହୁତ ମାଛ ଅଛନ୍ତି ।



ସିକ୍ଟା କୁମ୍ନା ଖେଇଲ୍ କେ ପାନି ଝିଟ୍ଲାକ୍ । ଢେଲା ଆଇଡ୍ ମେ ବୈଠକେ ଦେଖାତ୍ ରାହାଲାକ୍ । ଯେତେନା ବେରା ପାନି ସୁଇଖ୍ଆଲାକ୍ ଗୋଟେକ୍ ବାଡ଼୍କା ମାଛ୍ରି ଡେଗ୍ଲାକ୍ । ଇକେ ଦେଇଖ କେ ଢେଲା ଗଟ୍ ଧାରେକ୍ ଲାଗିନ୍ ପାନିମେ ଡେଗ୍ଲାକ୍ । ଢେଲା ଆଉର୍ ପାନି ସେ ନି ନିକିଲ୍ଲାକ୍ । ସିକଟା ଇକେ ଦେଇଖ୍ କେ ପାନି ମେ ଖଜେଗ୍ ଲାଗଲାକ୍ । ଢେର୍ ସାମାୟ ତାକ୍ ଖଜ୍ଲାକ୍ ଲେକିନ୍ ନି ପାଲାକ୍ । ଆକ୍ଷୀରି ମେ ସିକଟାକାର୍ ଆଇଁଖ୍ ସେ ରାସ୍ ରାସ୍ ପାନି ଗିରାତ୍ ରାହାଲାକ୍ । ଉ ମାନ୍ ଦୁଃଖ୍ ସେ ଆପାନ୍ ଘାର୍ ଘୂର୍ଲାକ୍ ।

ବିଲୁଆ ଗାଡ଼ିଆରୁ ପାଣି କାଢ଼ିବାକୁ ଲାଗିଲା । ଢେଲା ହିଡ ଉପରେ ବସି ଦେଖୁଥିଲା । ପାଣି ଯେତେବେଳେ ଶୁଖି ଆସିଲା ଗୋଟିଏ ବଡ ମାଛ ଡେଇଁଲା । ଏହାକୁ ଦେଖି ଢେଲାଟି ଧରିବା ପାଇଁ ପାଣିରେ ଡେଇଁଲା । ଢେଲା ପାଣିରୁ ବାହାରିଲା ନାହିଁ । ବିଲୁଆ ଏହାକୁ ଦେଖି ପାଣି ଭିତରେ ଖୋଜିବାକୁ ଲାଗିଲା । ବହୁତ ସମୟ ପର୍ଯ୍ୟନ୍ତ ଖୋଜିଲା । କିନ୍ତୁ ପାଇଲା ନାହିଁ । ଶେଷରେ ବିଲୁଆର ଆଖିରୁ ଝର୍ ଝର୍ ଲୁହ ଝରି ପଡିଲା । ସେ ମନ ଦୁଃଖରେ ନିଜ ଘରକୁ ଫେରିଲା ।



# ମୁର୍ଗା କା ଲାଗିନ୍ ରାଇତ୍ ଚାଇର୍‌ବାକେ ବଲାଏଲ୍
## (କୁକୁଡ଼ା କାହିଁକି ରାତି ଚାରିଟାରେ ଡ଼ାକେ)

ବାହୁତ ବାଡ ଜାଙ୍ଗଲ ରାହେ । ଲାକ୍‌ଡ଼ା ଜାଙ୍ଗାଲକାର୍ ରାଜା ରାହେ । ଉ ସବ୍ ପାଶୁ ଚାରେଇ ମାନ୍‌କେ ସାମାନ୍ ନାଜାର୍ ସେ ଦେଖାତ ରାହେ । ସବକାର ଲାଗିନ୍ ସୁବିଧା ସୁଯୋଗ କାରାତ୍ ରାହେ । କନୋ ପାଶୁ ଚାରେଇ ମାନ୍ ଆଗାର୍ ଚାଲେକ୍ ବୁଲେକ୍ ନି ପାର୍‌ଲେ, ଉ ମାନ୍‌କାର୍ ଲାଗିନ ଖାଏକେ ପିଏକେକାର ସୁବିଧା କାରାତରାହେ ।ଏକ୍ ଦିନ ଲାକ୍‌ଡ଼ା ରାଜା ଆପାନ୍ ପାର୍‌ଜା ମାନକେର୍ ଲାଗିନ୍ ଚିନ୍ତା କାରାତ ରାହେ ।

ବହୁତ ବଡ ଜଙ୍ଗଲଟିଏ ଥିଲା । ସିଂହ ଜଙ୍ଗଲର ରାଜା ଥିଲେ । ସେ ସମସ୍ତ ପଶୁପକ୍ଷୀଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ । ସମସ୍ତଙ୍କ ପାଇଁ ସୁବିଧା ସୁଯୋଗ କରୁଥିଲେ । କୌଣସି ପଶୁପକ୍ଷୀ ଅକର୍ମଣ୍ୟ ହୋଇଗଲେ, ସେମାନଙ୍କ ପାଇଁ ଖାଦ୍ୟପେୟର ସୁବିଧା କରୁଥିଲେ । ଦିନେ ସିଂହ ରଜା ନିଜ ପ୍ରଜାମାନଙ୍କ ପାଇଁ ଚିନ୍ତା କରୁଥିଲେ । ନିଜ ଜଙ୍ଗଲରେ ସବୁର ସୁବିଧା ଅଛି । ବୁଲିବା, ଖାଇବା ଓ ଶୋଇବାର ସବୁ କିଛି ସୁବିଧା ଅଛି କିନ୍ତୁ ପାଣିର ସୁବିଧା ନାହିଁ । ତେଣୁ ସେ ଗୋଟିଏ ସଭାର ଆୟୋଜନ କଲେ ।





ଉ ଚିନ୍ତା କାରାତ୍ ରାହେ କି ଆପାନ୍ ଜାଙ୍ଗାଲ୍ ମେ ସବ୍ ସୁବିଧା ଆହେ । ବୁଲେକ୍, ଖାଏକ୍ ଆଉର୍ ଶୁତେକ୍‌କାର ହାର୍ ସୁବିଧା ଆହେ ଲେକିନ୍ ପାନିକାର ସୁବିଧା ନାଖେ । ଉକାର୍ ଲାଗିନ୍ ଉ ଗୋଟେକ୍ ସଭା ବୈଠେକ୍ କାର୍ ଆୟୋଜନ କାରଲାକ୍ । ସଭା ମେ ସାବ୍ ପାଶୁ ଚାରେଇ ମାନ୍‌କେ ବୋଲାଲାଏଁ । ସାବ୍ ଆଇକେ ରାଜା ପାଁଶେ ବୈଠଲାଏଁ । ରାଜା ସାଭା ମେ କାହାଲାକ୍ କି ହାମାର ଜାଙ୍ଗଲ୍ ମେ ଗୋଟେକ୍ ପଖରାକାର୍ ଦାର୍‌କାର୍ ଆହେ । ଉକରେ ଲାଗିନ୍ ହାମ୍‌ରେ ସଭେ ମିଶ୍ କେ ଗୋଟେକ୍ ପଖରା ଖୋନାବ୍ । ଇଗ ଖୋନାଲାକ୍ ହଲେ ହାମାର୍ କନୋ ଅସୁବିଧା ନି ରାହି । ଇକାର୍ ମେ ସାଭେ ରାଜି ହଲାଏଁ ।ଉକାର ଦଶରା ଦିନ୍ ଜାଙ୍ଗାଲ୍‌କାର ସଭେ ପାଶୁଚାରେଇମାନ୍ ପଖରା ଖୋନେକ୍ ଲାଗିନ୍ ନିକିଲାଏଁ । ସଭେ ଆପାନ୍ ଆପାନ୍ କାମ ମେ ଲାଇଗ୍ ପାଡ଼ଲାଏଁ । କେ ପାଥାର୍ ତାଡ଼ଲାଏଁ ତ କେ ମାଟି କଡ଼ଲାଏଁ । ଚାରେଇ ମାନ୍ ଆପାନ୍ ଠର୍ ସେ ମାଟି ଗୋଡି, ସାବ୍‌କେ ଆଇର୍ ମେ ରାଖଲାଏଁ । ସଭେ  ଦେଖ୍‌ଲାଏଁ କି ଜାଙ୍ଗାଲ୍‌କାର୍ ସଭେ ପାଶୁ ଚାରେଇ ମାନ୍ କାମ୍ ମେ ଲାଇଗହାଏଁ ଲେକିନ୍ ମୁର୍ଗା ମାନ୍‌କାର୍ ଦେଖାର୍ ନାହିଁ । ଉ ମାନ୍ କାହାଁ ଲୁଇକ୍‌ଦେଇ ହାଏଁ ।

ସଭାକୁ ସମସ୍ତ ପଶୁପକ୍ଷୀ ମାନଙ୍କୁ ଡାକିଲେ । ସମସ୍ତେ ଆସି ରାଜାଙ୍କ ପାଖରେ ଉପସ୍ଥିତ ହେଲେ । ରାଜା ସଭାରେ କହିଲେ କି ଆମ ଜଙ୍ଗଲରେ ଗୋଟିଏ ପୋଖରୀର ଦରକାର ଅଛି । ତେଣୁ ଆମେ ସମସ୍ତେ ମିଶି ଗୋଟିଏ ପୋଖରୀ ଖୋଳିବା । ଏହା ଖୋଳା ହେଲେ ଆମର କୌଣସି ଅସୁବିଧା ହେବ ନାହିଁ । ଏଥିରେ ସମସ୍ତେ ରାଜି ହେଲେ । ଅନ୍ୟ ଦିନ ଜଙ୍ଗଲର ସମସ୍ତ ପଶୁପକ୍ଷୀ ପୋଖରୀ ଖୋଳିବା ପାଇଁ ବାହାରିଲେ । ସମସ୍ତେ ନିଜ ନିଜ କାମରେ ଲାଗିପଡିଲେ । କିଏ ପଥର ଟାଣିଲା ତ କିଏ ମାଟି ହାଣିଲା । ପକ୍ଷୀମାନେ ନିଜ ଥଣ୍ଟରେ ମାଟି ଗୋଡି ଗୁଡିକୁ ହିଡରେ ରଖୁଥିଲେ । ଦେଖାଗଲା ଜଙ୍ଗଲର ସମସ୍ତ ପଶୁ ପକ୍ଷୀ ମାନେ କାମରେ ଲାଗିଛନ୍ତି, କିନ୍ତୁ କୁକୁଡାର ଦେଖାନାହିଁ । ସେମାନେ କୁଆଡେ ଲୁଚି ଯାଇଛନ୍ତି ।

ଇ ଗୁଇଠ୍ ମାନ୍‌କେ ସଭେ ଯାଏକେ ରାଜା କେ ବାତାଲାଏଁ । ରାଜା ଶୁଇନ୍ କେ କାହାଲାକ୍ କି ଉ ମାନ୍ ଆଗାର୍ ଲୁଇକ୍ ଦେଇ ହାଏଁନ୍ ତ ଉ ମାନକେ ହାମରେ ପଖରାକାର୍ ପାନି ପିଇଏକ୍ ଲାଗିନ୍ ନି ଦେଆବ୍ ।

ଏ କଥା ଗୁଡିକୁ ସମସ୍ତେ ରାଜାଙ୍କୁ ଶୁଣାଇଲେ । ରାଜା ଶୁଣି କହିଲେ କି ସେମାନେ ଯଦି ଲୁଚି ଯାଇଛନ୍ତି , ତା ହେଲେ ସେମାନଙ୍କୁ ଆମେ ପୋଖରୀ ପାଣି ପିଇବାକୁ ଦେବାନାହିଁ ।



ପଖରା କଡ଼େକ୍ ସିରାଲାକ୍ । ପାନି ଝାଲ୍ ଝାଲ୍ ହୋଇକେ ଭାଇର୍ ଗେଲାକ୍ । ଏଖାନ୍ ଆଉର୍ ଜାଙ୍ଗାଲ୍ ମେ ପାନିକାର୍ ଅସୁବିଧା ନି ରାହଲାକ୍ । ସଭେ ପାଶୁ ଚାରେଇ ଆପାନ୍ ପଖରାକାର୍ ପାନି ପିଇଲେଏଁ । ରାଜାକାର୍ ଆଦେଶ୍ ଅନୁସାରେ ଉ ମାନ୍ ମୁର୍ଗା ମାନ୍‌କେ ପାନି ପିଏକ୍ ଲାଗିନ୍ ନି ଦେବାଏଁ । ମୁର୍ଗାମାନ ଲୁଇକ୍ ଛିପ୍ କେ ପାନି ପିଇ ଦେବାଏଁ ବୋଇଲ୍ କେ ଉ ମାନ୍ ଦିନ୍ ରାଏତ୍ ଅଗର୍ଲାଏଁ ।

ପୋଖରୀ ଖୋଳା ସରିଲା । ପାଣି ଝର ଝର ହୋଇ ବାହାରିଲା । ବର୍ତ୍ତମାନ ଜଙ୍ଗଲରେ ଆଉ ପାଣିର ଅସୁବିଧା ରହିଲା ନାହିଁ । ସମସ୍ତ ପଶୁପକ୍ଷୀ ନିଜ ପୋଖରୀର ପାଣି ପିଇଲେ । ରାଜାଙ୍କ ଆଦେଶ ଅନୁସାରେ ସେମାନେ କୁକୁଡାକୁ ପାଣି ପିଇବାକୁ ଦେବେ ନାହିଁ । କୁକୁଡା ଲୁଚି ଛପି ପାଣି ପିଇ ଦେବ ବୋଲି ସେମାନେ ଦିନ ରାତି ଜଗିଲେ ।



ଏକ ଦିନ୍ ମୁର୍ଗା ରାଇତ୍ ମେ ଲୁଇକ୍ ଛିପ୍ କେ ପଖରାକାର୍ ପାନି ପିଏକ୍ ଲାଗିନ୍ ଆଲାକ୍ । ମୁର୍ଗା ପାନି ପିଆତ୍ ରାହାଲାକ୍ ସାମୟମେ ପାଶୁ ଚାରେଇମାନେ ଉକେ ଧାରଲାଏଁ । ଉକେ ଧାଇର୍ କେ ରାଜା ଠିନ୍ ଲେଗ୍ଲାଏଁ । ରାଜା ମୁର୍ଗା କେ କାହାଲାକ୍ କି ତଏଁ ପଖରା ନି ଖୁଇନ୍‌କେ ଲୁଇକ୍ ଛିପ୍ କେ ପାନି ପିଆଥିସ୍ ? ଉକାର ଲାଗିନ୍ ତକେ ଦାଣ୍ଡ୍ ଦେଆଥଁ ତଏଁ ହାରଦିନ ରାଇତ୍ ଚାଇର୍‌ବାଜେ ସବ୍‌କେ ଉଠାବେ ।ତକେ ଇ କାମ୍ ଦିଆଲ୍‌ଗେଲାକ୍ । ଅହେ ଦିନ୍ ସେ ମୁର୍ଗା ହାରଦିନ୍ ରାଇତ୍ ଚାଇର୍ ବାଜେ ବୋଲାଏ ଆଉର ସାବକେ ଉଠାଏଲା ।

ଦିନେ କୁକୁଡା ରାତିରେ ଲୁଚି ଛପି ପୋଖରୀକୁ ପାଣି ପିଇବାକୁ ଆସିଲା । କୁକୁଡା ପାଣି ପିଉଥିବା ସମୟରେ ଜଗିଥିବା ପଶୁପକ୍ଷୀ ଧରିପକାଇଲେ । ତାକୁ ରାଜା ପାଖକୁ ଧରିନେଲେ । ରାଜା କୁକୁଡାକୁ କହିଲେ କି ତୁ ପୋଖରୀ ନ ଖୋଳି ଲୁଚିଛପି ପାଣି ପିଉଛୁ ? ତେଣୁ ମୁଁ ତତେ ଦଣ୍ଡ ଦେଉଛି ତୁ ପ୍ରତିଦିନ ରାତି ଚାରିଟାରେ ସମସ୍ତଙ୍କୁ ଉଠାଇବୁ । ତତେ ଏହି କାମ ଦିଆଗଲା । ସେହି ଦିନରୁ କୁକୁଡା ପ୍ରତିଦିନ ରାତି ଚାରିଟାରେ ଡାକି ସମସ୍ତଙ୍କୁ ଉଠାଇଥାଏ ।



# ଲାଓ୍ୱା, ପେଚ୍‌କି ଆଉର୍ କହଣ୍ଡା

## (ଲାଉ, ସାରୁ ଓ ପାଣିକଖାରୁ)

ଢେର ସାଲ କା ଗୁଇଠ । ଗଟେକ୍ ଚାଷିକାର୍ ବାହୁତ୍ ବାଡ ବାରି ରାହେ । ବାରି ମେ ହାର୍ ରାକାମ୍ କି ସାବ୍‌ଜି ରାହେ । ବାରି ଗୋଟ୍ ସାବ୍‌ଜି ମେ ସୁନ୍ଦାର୍ ଦିଶାତ୍ ରାହେ । ମିର୍ଚା ରହାଲାକ୍ ବାରିକାର୍ ରାଜା ।ଏକ୍ ଦିନ୍ ବାରି କାର୍ ଲାଓ୍ୱା ଆଉର୍ ପେଚିକି ଝାଗ୍‌ଡା। ଲାଗ୍‌ଲାଏଁ । ଲାଔ୍ କାହାଥେ ମଏଁ ବାଡ୍ ଆଉର୍ ପେଚ୍‌କି କାହାଥେ ମଏଁ ବାଡ୍ । ଏସ୍‌ନେ ଦୁଇଝାନ୍ ଭିତ୍‌ରେ ଝାଗ୍‌ଡ଼ା ହଲାକ୍ । ଝାଗ୍‌ଡ଼ା ମେ ଦସ୍‌ରା ସାବ୍‌ଜି ମାନ୍‌କାର୍ ଆସୁବିଧା ହଲାକ୍ । ଇ ମାନ୍‌କାର୍ ଝାଗ୍‌ଡ଼ା ଲାଗିନ୍ ଦସ୍‌ରା ମାନ୍ ଆଛା ସେ ଶୁତେକ୍ ନି ପାରତ୍ ରାହାଏଁ ।

ବହୁତ ବର୍ଷ ତଳର କଥା । ଗୋଟିଏ ଗୃଷୀର ବହୁତ ବଡ ବଗିଚା ଥିଲା । ବଗିଚାରେ ବିଭିନ୍ନ ପ୍ରକାର ପନିପରିବା ଥିଲା । ବଗିଚାଟି ପନି ପରିବାରେ ସୁନ୍ଦର ଦେଖାଯାଉଥିଲା । ସେ ବଗିଚାର ରାଜା ଥିଲେ ମିର୍ଚା (ଲଙ୍କା) । ଦିନେ ବଗିଚାର ଥିବା ଲାଉ ଏବଂ ସାରୁ ମଧ୍ୟରେ ଝଗଡା ହେଲା । ଲାଉ କହୁଛି ମୁଁ ବଡ ଓ ସାରୁ କହୁଛି ମୁଁ ବଡ । ଏମିତି ଦୁଇ ଜଣଙ୍କ ମଧ୍ୟରେ ବହୁତ ଝଗଡା ହେଲା । ଝଗଡାରେ ଅନ୍ୟ ପରିବା ମାନଙ୍କର ଅସୁବିଧା ହେଲା । ଏ ମାନଙ୍କର ଝଗଡାରେ ଅନ୍ୟମାନେ ଶାନ୍ତିରେ ଶୋଇ ପାରୁ ନ ଥିଲେ ।



ଇ ମାନ୍‌କାର୍ ଝାଗଡା କେ କେହୋ ସାମାଧାନ୍ କାରେକ୍ ନି ପାରଲାଏଁ। ଆଖୀରିମେ ଉ ମାନ୍‌କେ ରାଜା ପାଶେ ଧାଇର୍ ଲେଗ୍‌ଲାଏଁ। ରାଜା ଉ ମାନ୍‌କାର୍ ହାର୍ ଗୁଇଠ୍ କେ ଶୁନଲାକ୍। ରାଜା କାହାଲାକ୍ କି ତୋହାର ସବ୍‌କାର କୁଦେକ୍ ପ୍ରତିଯୋଗିତା ହୁଇ। ଯେମାନ୍ ଆଗେ ପୁହୁଞ୍ଚି ଉ ବାଡ଼୍ ହୁଇ ଆଉର ଯେମାନ୍ ପାଛେ ପୁହୁଞ୍ଚି ଉ ଛୋଟ୍ ହୁଇ। ବାରିକାର୍ ସବ୍ ସାବ୍‌ଜି କେ ଲେଇ କେ କୁଦେକ୍ ପ୍ରତିଯୋଗିତା ହଲାକ୍। ସବ୍‌କାର୍ ଆଗେ ଲାଓ୍ୱା ଦୌଡିତ୍ ରହାଲାକ୍ ଆଉର ପେଚିକି ପାଛେ ରହାଲାକ୍। ଇ ମାନ୍ କୁଦ୍‌ତେ ଏକ ଗାଆଁ ପାର୍ ହଆାତ୍ ରାହେନ୍। ଗାଆଁ ଆଦ୍‌ମି ମାନ ଇ ମାନ୍‌କେ ଦେଇଖ୍ କେ ଆପନ୍ ଆପନ୍ ଲୁଗାମେ କଇଁଛାଲାଏଁ । କେ ଟୁପଲି ମେ ଧାରତଥଁ ତ କେ ଲୁଗା ମେ ଧଇର୍ କେ ଘାର୍ ଲେଗାଥେଁ।

ଏମାନଙ୍କର ଝଗଡାକୁ କୌଣସି ପରିବା ସମାଧାନ କରିପାରିଲେ ନାହିଁ। ଶେଷରେ ସେମାନଙ୍କୁ ରାଜା ପାଖକୁ ଧରି ନେଲେ। ରାଜା ସେମାନଙ୍କର ସବୁ କଥା ଶୁଣିଲେ। ସେ କହିଲେ କି ତୁମ ମାନଙ୍କ ମଧ୍ୟରେ ଦୌଡ ପ୍ରତିଯୋଗିତା ହେବ, ଯିଏ ଆଗରେ ପହଞ୍ଚିବ ସେ ବଡ ଆଉ ଯିଏ ପଛରେ ରହିବ ସିଏ ସାନ ହେବ। ବଗିଚାର ସବୁ ପନିପରିବା ମଧ୍ୟରେ ଦୌଡ ପ୍ରତିଯୋଗିତା ଆରମ୍ଭ ହେଲା। ସମସ୍ତଙ୍କର ଆଗରେ ଲାଉ ଦୌଡିଲା ଆଉ ସାରୁ ପଛରେ ରହିଲା। ଏମାନେ ଦୌଡି ଯାଇ ଗୋଟିଏ ଗାଁ ଦେଇ ପାରି ହେଉଥିଲେ। ଗାଁ ଲୋକ ମାନେ ଏମାନଙ୍କୁ ଦେଖି ନିଜ ନିଜ ଲୁଗାପଟାରେ ଧରିବାକୁ ଲାଗିଲେ। କିଏ ଟୋକେଇରେ ଧରୁଛି ତ କିଏ ଲୁଗାରେ ଧରି ଘରକୁ ନେଉଛନ୍ତି।



ଇ ସାମଇ ମେ ଖାରଗ କହଣ୍ଡା ଦେଖଲାକ୍ କି ଆଦ୍‌ମିମାନ୍ ସାବ୍‌ଜି କେ ଧାଇର୍ ଲେଗାଥୋଏଁ । ଉ ଚାଲାକ ହୁଇକେ ଧିରେ ଧିରେ ଯାଇକେ ଖାତ୍ ଗାଡାକାର୍ ରାଖି ମେ ତୋପାଏ ହୋଇଗେଲାକ୍ । ଉକେ କେହୋ ଦେଖେକ୍ ନି ପାରଲାଏଁ । ସେକ୍‌ରେ ଲାଗିନ୍ ଉକାର୍ ଜାନାମ୍ ଅହେ ଖାତ୍ ଗାଡା ମେ ହୋଇ ରାହେଲ୍ । ଆଉର୍ ଉକାର୍ ରାଙ୍ଗ ରାଖି ଲେଖେନ୍ ହୋଇ ରାହେଲ୍ । ଉକେ କେହୋ ବାରିମେ ନି ରୋପେନ୍ ।

ଏଇ ସମୟରେ ଖାର୍ କୁହୁଁଣା (ପାଣିକଖାରୁ) ଦେଖିଲା କି ଲୋକମାନେ ପରିବା ଗୁଡିକୁ ଧରି ନେଉଛନ୍ତି । ସେ ଚାଲାକ ହୋଇ ଧିରେ ଧିରେ ଗଡି ଗଡି ଯାଇ ଖତ ଗଦାରେ ଥିବା ଖାର ଭିତରେ ପୋତି ହୋଇଗଲା । ତାକୁ କେହି ଦେଖି ପାରିଲେ ନାହିଁ । ତେଣୁ ତାର ଜନ୍ମ ସେହି ଖତ ଗଦାରେ ଏବଂ ତାର ରଙ୍ଗ ଖାର୍ ଭଳି ଧୂସର ହୋଇଥାଏ । ତାକୁ କେହି ବାରିରେ ଲଗାନ୍ତି ନାହିଁ ।



# ଉଡ଼େକ୍ ମୂଷା
## (ଉଡ଼ନ୍ତା ମୂଷା)

ନାଦୀକାର ତୀରେ ଗାଢ଼ା ମେ ଗଟେକ୍ ଟିରାଙ୍ଗ ଚାରୋଇ ଖତା ବାନାଇକେ ରାହତ ରାହେ। ଉକାର ପାସେ ଲାତାମେ ଆଉର୍ ଗଟେକ୍ ମୂଷା ରାହାତ୍ ରାହେ। ଟିରାଙ୍ଗ ଚାରେଇ ହାର୍‌ଦିନ୍ ବିହାନେ ଉକାର୍ ଲାତା ସେ ଟିରିଙ୍ଗ୍ ଟିରିଙ୍ଗ୍ କାହେକେ ଉପରେ ଉଠେଲ୍ ଆଉର୍ ନିଚେ ଉତ୍‌ରେଲ୍। ଇକେ ମୂଷା ସବ୍‌ଦିନ୍ ଦେଖେଲ୍। ଉକେ ଭି ଏସେନ୍ ଉଡେକ୍ ମାନ୍ ଲାଗ୍‌ଲାକ୍। ଉକରେ ଲାଗିନ୍ ଉ ଚାରେଇ ପାସେ ଗେଲାକ୍।



ନଦୀ କୂଳରେ ଗୋଟିଏ ଟିରାଙ୍ଗ ଚଢେଇ ବସା କରି ରହୁଥିଲା। ପାଖ ଗାତରେ ଆଉ ଗୋଟିଏ ମୂଷା ରହୁଥିଲା। ଟିରାଙ୍ଗ ଚଢେଇ ପ୍ରତିଦିନ ସକାଳେ ତା ଗାତରୁ ବାହାରି ଟିରିଙ୍ଗ୍ ଟିରିଙ୍ଗ୍ କରି ଉପରକୁ ଉଠେ ଆଉ ତଳକୁ ଓହ୍ଲାଏ। ଏହାକୁ ମୂଷା ସବୁଦିନ ଦେଖୁଥାଏ। ତାକୁ ବି ଏହି ପରି ଉଡିବାକୁ ଇଛା ହେଲା। ତେଣୁ ସେ ଚଢେଇ ପାଖକୁ ଗଲା।

ମୂଷା ଚାରେଇକେ କାହାଲାକ୍-ତଏଁ ଆଗାର୍ ମକେ ତୋର ଡେନା କେ ଦେତେ ହଲେ ମଏଁ ଭି ତୋର ଲେଖେନ୍ ଉଡତଁ। ମକେ ବାହୁତ୍ ଖୁସ୍ ଲାଗତାକ୍। ଇକେ ଶୁଇନ୍ କେ ଚାରେଇ କାହାଲାକ୍- ମୋର ପାଇଁଖ୍ ମାନ୍ ଢେର୍ ଛଟେ ଛଟେ । ଉକ୍ ରେ ଲାଗିନ୍ ମଏଁ ତକେ ଦେଇକ୍ ନି ପାରବଁ। ତଏଁ ଯାଅ ଟେହା ଚାରେଇ ପାସେ। ଉକାର ପାଇଁଖ ମାନ୍ ଢେର୍ ଆହେ। ଉ ତକେ ନିଶ୍ଚେ ଦେଇ। ମୂଷା ଠେଓଁ ଚାରେଇ ପାସେ ଗେଲାକ୍। ମୂଷା କାହାଲାକ୍ ତଏଁ ଆଗାର୍ ମକେ ତୋର ଡେନା କେ ଦେତେ, ହଲେ ମାଏ ଭି ତୋର ଲେଖେ ଉଡତ। ମକେ ଢେର୍ ଖୁସ୍ ଲାଗ୍ତାକ୍।



ମୂଷା ଚଢେଇକୁ କହିଲା- ତୁମେ ଯଦି ତୁମର ଡେଣା ଦିଅନ୍ତ ତା ହେଲେ ମୁଁ ବି ତୁମ ପରି ଉଡନ୍ତି। ମତେ ବହୁତ ଭଲ ଲାଗନ୍ତା।  ଏହା ଶୁଣି ଚଢେଇ କହିଲା ମୋର ପରଗୁଡିକ ଛୋଟ ଛୋଟ । ତେଣୁ ମୁଁ ତୁମକୁ ଦେଇ ପାରିବି ନାହିଁ। ତୁମେ ଯାଅ ଟେହା ଚଢେଇ (ଶୁଭ ପକ୍ଷୀ) ପାଖକୁ। ତାର ପର ଗୁଡିକ ବହୁତ ଅଛି। ସେ ତୁମକୁ ନିଶ୍ଚୟ ଦେବ। ମୂଷା ଟେହା ଚଢେଇ ପାଖକୁ ଗଲା। ଚଢେଇକୁ କହିଲା ତମେ ଯଦି ତୁମର ଡେଣାକୁ ଦିଅନ୍ତ, ତା ହେଲେ ମୁଁ ବି ତୁମ ପରି ଉଡନ୍ତି। ମତେ ବହୁତ ଖୁସି ଲାଗନ୍ତା।

ଇକେ ଶୁଇନ୍ କେ ଚାରେଇ କାହାଲାକ୍ ମୋର ପାଇଁଖମାନ୍ ବହୁତଲ ସୁନ୍ଦାର୍ । ମଏଁ ଇକେ ଦେଇକ୍ ନି ପାରବ । ତଏଁ ଯାଅ ଚିଲ୍ ପାସ୍ । ଉକାର ଡେନା ଆଉର ପାଇଁଖ ମାନ ବାଡ଼ ବାଡ଼ ଆହେ । ଉ ନିଶ୍ଚେ ଦେଇ ।

ଏହା ଶୁଣି ଚଢେଇ କହିଲା- ମୋର ପର ଗୁଡିକ ବହୁତ ସୁନ୍ଦର । ମୁଁ ଏହାକୁ ଦେଇ ପାରିବି ନାହିଁ । ତୁମେ ଯାଅ ଚିଲ ପାଖକୁ । ତାର ଡେଣା ଓ ପର ଗୁଡିକ ବଡ ବଡ । ସେ ନିଶ୍ଚୟ ଦେବ ।



ମୂଷା ଚିଲ୍‌କେ ଖଜେଗ୍ ଲାଗିନ୍ ବାହାରଲାକ୍ । ଉ ଦେଖଲାକ୍ ଯୋ ଚିଲ୍‌ଗଟେ କୁସୁମ ଗାଛ୍ ଉପରେ ବୈଠ୍ ହେ । ମୂଷା ଚିଲ୍ ପାସେ ଯାଇକେ କାହାଲାକ୍- ଚିଲ୍ ଭାଇ ତଏଁ ଆଗାର୍ ମକେ ତୋର ଡେନା କେ ଦେତେ ହଲେ, ମଏଁ ଭି ତୋର ଲେଖେ ଉଡ଼ତ । ମକେ ଢେର ଖୁସ୍ ଲାଗତାକ୍ । ଇ ଗୁଇଠ୍ ଶୁଇନ୍ କେ ଚିଲ୍ ମୂଷା କେ ମାରେକ୍ ଲାଗିନ୍ କୁଦାଲାକ୍ । ମୂଷା ଡାଇର୍ ଲେକିନ୍ ଅହେ ଖଖ୍‌ରମେ ଘୁସେକ୍ ବେରା ଉକାର ପଇଛ ହାର ଛିଡ ଗେଲାକ୍ । ଉ ଲାହୁ ଲୁହାନ୍ ହୋଇକେ ଖଖ୍‌ରମେ ପାଇଡ୍ ରହାଲାକ୍ ।

ମୂଷା ଚିଲକୁ ଖୋଜିବା ପାଇଁ ବାହାରିଲା । ସେ ଦେଖିଲା, ଚିଲ କୁସୁମ ଗଛ ଉପରେ ବସିଛି । ମୂଷା ଚିଲ ପାଖକୁ ଯାଇ କହିଲା - ଚିଲ୍ ଭାଇ ତୁମେ ଯଦି ତୁମର ଡେଣା ଦିଅନ୍ତ, ତା ହେଲେ ମୁଁ ବି ତୁମ ପରି ଉଡନ୍ତି । ମତେ ବହୁତ ଖୁସି ଲାଗନ୍ତା । ଏ କଥା ଶୁଣିଲା ମାତ୍ରେ ଚିଲ ମୂଷାକୁ ମାରିବା ପାଇଁ ଦୌଡାଇଲା । ମୂଷା ଭୟରେ ସେହି ଗଛରେ ଥିବା କୋରଡ ଭିତରେ ହଠାତ୍ ପଶିଗଲା । କିନ୍ତୁ ଦୁର୍ଭାଗ୍ୟବଶତଃ ସେ କୋରଡ ଭିତରେ ପଶୁଥିବା ସମୟରେ ତାର ଲାଞ୍ଜଟି କଟିଗଲା । ସେ ରକ୍ତାକ୍ତ ହୋଇ କୋରଡରେ ପଡି ରହିଲା ।



ଅହେ ଖଖ୍ର ମେ ଗଟେକ୍ ମାକରା ରାହାତ୍ ରାହେ । ମୂଷାକାର ଆବସ୍ଥା କେ ଦେଇଖ୍ କେ ପୁଛଲାକ୍ । ତୋର ଇ ଆବସ୍ଥା କୌସେନ୍ ହଲାକ୍ ? ମୂଷା ଆପାନ୍ ସବ୍ ଗୁଇଠ କେ ମାକରା କେ କାହାଲାକ୍ । ମାକରା ଶୁଇନ୍ କେ କାହାଲାକ୍- ମଏଁ ସାର୍ଜାରୀ ଡାକ୍ତାର ହିକିନ୍ । ମଏଁ ତୋର ଡେନା ତେଆର କାଇର ଦେବ । ଇ ଡେନା ସେ ତଏଁ ଢେର୍ ଉପରେ ଉଡବେ । ମୂଷା କାର୍ ଲେଙ୍ଗା ଦୁଯୋ ଗୋଡକାର ମାଝିମେ ଡାଇର୍ ବୁଇନ୍ ଦେଲାକ୍ । ଅସନେ ଦାହିନା ଦୁଯୋ ଗୋଡକାର ମାଝିମେ ଡାଇର୍ ବୁଇନ୍ ଦେଲାକ୍ । । ତେଆର୍ ହୋଇ ଗେଲାକ ମୂଷାକାର୍ ଦୁଇଯ ଡେନା ।ମାକରା ମୂଷାକେ ଖଖ୍ରସେ ଛୋଇଡ୍ ଦେଲାକ୍ । ମୂଷା ଢେର୍ ଉପରେ ଉଡ୍ଲାକ୍ । ରାଇତ୍ ମେ ଚାରେକ ବୁଲେକ୍ ଲାଗିନ୍ ବାହାର୍ଲାକ୍ । ଜାଙ୍ଗାଲ୍କାର୍ ଫଲ୍ ରାସ୍ ଚୁଇସ୍ କେ ପିଇଲାକ୍ । ଗାଛ୍ ମେ ମୁଣ୍ଡ୍ କେ ନିଚେ କାଇରକେ ଶୁତ୍ଲାକ୍ । ଉ ଚାରେଇକାର ନାମ୍ କା ହିକେ ?



ସେହି ଗଛର କୋରଡରେ ଗୋଟିଏ ବୁଢିଆଣି ବାସ କରୁଥିଲା । ମୁଷାର ଅବସ୍ଥାକୁ ଦେଖି ସେ ପଚାରିଲା-ତୁମର ଏ ଅବସ୍ଥା କିପରି ହେଲା ? ମୂଷା ସବୁ କଥା ବୁଢିଆଣିକୁ କହିଲା । ବୁଢିଆଣି ଶୁଣି କହିଲା-ମୁଁ ହେଉଛି ସର୍ଜରୀ ଡକ୍ଟର । ମୁଁ ତୁମର ଡେଣା ତିଆରି କରିଦେବି । ଏହି ଡେଣା ଦ୍ୱାରା ତୁମେ ବହୁତ ଉପରକୁ ଉଡିବ । ମୂଷାର ବାମ ଦୁଇ ଗୋଡ ମଝିରେ ଡାଳ ପରି ବୁଣି ଦେଲା । ପୁଣି ଡାହାଣ ପଟ ଦୁଇ ଗୋଡ ମଝିରେ ଡାଳ ପରି ବୁଣି ଦେଲା । ତିଆରି ହୋଇଗଲା ମୂଷାର ଦୁଇ ଡେଣା । ବୁଢିଆଣି ମୂଷାକୁ କୋରଡରୁ ଛାଡିଦେଲା । ମୂଷା ବହୁତ ଉପରକୁ ଉଡିଲା । ରାତ୍ରିରେ ଚରି ବୁଲିଲା । ଜଙ୍ଗଲର ଫଳ ରସ ଶୋଷି ପିଇଲା । ଦିନ ବେଳା ଡେଙ୍ଗା ଗଛରେ ମୁଣ୍ଡକୁ ତଳ କରି ଶୋଇଲା । କହ ଭାଇ ସେ ପକ୍ଷୀର ନାମ କଣ ?

# ସିକ୍ଟା ଆଉର କାଛୁଆ
# (ବିଲୁଆ ଓ କଇଁଛ)

ରାଉଦ୍ ମାହିନା କାର୍ ଗୁଇଠ୍ । ଗଟେକ ପଖ୍ରା ରାହେ । ପଖ୍ରା ମେ ଗଟେକ୍ କାଛୁଆ ରାହାତ୍ ରାହେ । ଢେର୍ ରାଉଦ୍କାର୍ ଚାଲ୍ତେ ପଖରା କାର୍ପାନି ଧିରେ ସୁଇଖ୍ ଆଲାକ୍ । ଯେତେନା ବେରା ପଖ୍ରାକାର ପାନି ପୁରା ଶୁଇଖ୍ ଗେଲାକ୍ ଉ ଆଲଗା ପଖ୍ରାକାର୍ ପାନି ମେ ଯାଏକ୍ ଲାଗିନ୍ ସ୍ଥିର୍ କାର୍ଲାକ୍ ।କାଛୁଆ ପଖ୍ରା ସେ ନିକିଲ୍ଲାକ୍ । ଉ ଯାତେ ଯାତେ ଡାହାରେ ଜାଙ୍ଗାଲ୍ ପାଡଲାକ୍ ।

ଗ୍ରୀଷ୍ମ ଦିନର କଥା । ଗୋଟିଏ ପୋଖରୀ ଥିଲା । ପୋଖରୀରେ ଗୋଟିଏ କଇଁଛ ବାସ କରୁଥିଲା । ପ୍ରବଳ ଖରା ହେତୁ ପୋଖରୀ ପାଣି ଧିରେ ଧିରେ ଶୁଖି ଆସୁଛି । ଯେତେବେଳେ ପୋଖରୀର ପାଣି ପୂରା ଶୁଖିଗଲା ସେ ଅନ୍ୟ ପୋଖରୀର ପାଣିକୁ ଯିବା ପାଇଁ ସ୍ଥିର କଲା । କଇଁଛ ପୋଖରୀରୁ ବାହାରିଲା । ସେ ଯାଉ ଯାଉ ବାଟରେ ଜଙ୍ଗଲ ପଡିଲା ।



ଗଟେକ୍ ସିକ୍ଟା ଜାଙ୍ଗାଲ୍‌ମେ ବୁଲ୍‌ତେ ବୁଲତେ କାଛୁଆ କେ ଦେଖଲାକ୍ । କାଛୁଆ କେ ଖାଏକ୍ ଲାଗିନ୍ ଉ ମୁହଁ ମେ ଧାର୍‌ଲାକ୍ । ଏତନା ବେରା କାଛୁଆ ବୁଦ୍ଧି କାଇର୍ କେ କାହାଲାକ୍- ସିକ୍ଟା ଭାଇ ତଏଁ ମକେ ଚାଇବ୍‌କେ ଖାଏକ୍ ନି ପାର୍‌ବେ । ତଏଁ ଗଟେକ୍ ଉପାୟ କାର୍ ତଏଁ ମକ୍‌କେ ଲେଇଗ୍ କେ ପାନିମେ ଭିଞ୍ଜାଅ ।

ଗୋଟିଏ ବିଲୁଆ ଜଙ୍ଗଲରେ ବୁଲୁ ବୁଲୁ କଇଁଛକୁ ଦେଖିଲା । କଇଁଛକୁ ଖାଇବା ପାଇଁ ସେ ମୁହଁରେ ଧରିଲା । ଏତିକି ବେଳେ କଇଁଛ ବୁଦ୍ଧି ଖଟାଇ କହିଲା ବିଲୁଆ ଭାଇ , ମତେ ତୁ ଚୋବାଇ ଖାଇ ପାରିବୁ ନାହିଁ । ତୁ ଗୋଟିଏ ଉପାୟ କର । ତୁ ମୋତେ ନେଇ ପାଣିରେ କିଛି ସମୟ ବତୁରା ।



ମଏଁ ଭିଞ୍ଜ୍ ଗେଲେ ତଏଁ ମକେ ସାହାଜ୍ ମେ ଚାଇବ କେ ଖାଏକ୍ ପାର୍‌ବେ । ସିକ୍‌ଟା କୁଦ୍‌ତେ କୁଦ୍‌ତେ ଯାଇକେ ଝାରିଆ ପାନିମେ ଭିଞ୍ଜାଲାକ୍ । କାଛୁଆ ଇକାର ସୁଯୋଗ ପାଇକେ ପାନି ଭିତରେ ଲୁଇଁକ୍ ଦେଲାକ୍ । କୁଛ ସାମାୟକାର୍ ପାଛେ ସିକ୍‌ଟା ଦେଖ୍‌ଲାକ୍ କି କାଛୁଆ ଉ ଜାଗା ମେ ନାଖେ । କାହାଁ ଭାଇଗ୍ ଯାଇ ହେ । ଉ ନିରାଶ୍ ହୁଇଲେ ମାନ୍ ଦୁଃଖ୍ ମେ ଘାର୍ ଘୂର୍‌ଲାକ ।

ମୁଁ ବତୁରିଗଲେ, ତୁ ସହଜରେ ମୋତେ ଚୋବାଇ ଖାଇ ପାରିବୁ । ବିଲୁଆ ଦୌଡି ଦୌଡି ଯାଇ ଝରଣା ପାଣିରେ ବତୁରାଇଲା । କଇଁଛ ଏହାର ସୁଯୋଗ ନେଇ ପାଣି ଭିତରେ ଲୁଚି ଗଲା । କିଛି ସମୟପରେ ବିଲୁଆ ଦେଖିଲା ଯେ କଇଁଛ ସେ ଜାଗାରେ ନାହିଁ । କୁଆଡେ ପଳେଇ ଯାଇଛି । ସେ ନିରାଶ ହୋଇ ମନ ଦୁଃଖରେ ଘରକୁ ଫେରିଲା ।



# ଆବାକ୍ ହୋଏକ ଗୁଇଠ୍
## (ବିସ୍ମୟ କଥା)

କୁଛ୍ ଦିନ୍ କାର୍ ଗୁଇଠ୍ । ସୁନ୍ଦର୍‌ଗାଡ୍ କାର ପାଶ୍ ବାନ୍ଦ୍‌ପାଲି ଗାଆଁ । ଲାଇଗ୍ କେ ନାଦୀ ଆହେ । କେତନା ଛୁଆମାନ ଖେଲାତ୍ ରାହଁଏ । ଗଟେକ୍ ଛାଓ୍ୱା ଗାଛ୍ ମେ ଚାଇଢ୍ ରାହେ । ଆଚାନାକ୍ ଡାଇର୍‌ଗଟ୍ ଟୁଇଟ୍ ଗେଲାକ୍ । ଛାଓ୍ୱାଗଟ୍ ନାଦୀ ମେ ଗିର୍‌ଗେଲାକ୍ ।ଦସ୍‌ରା ଛାଓ୍ୱାମାନ୍ ଗୁଲ୍ କାର୍‌ଲାଏଁ । ବାଡ ଆଦ୍‌ମିମାନ୍ କୁଇଦ ଆଇ କେ ପାନି ମେ ଡୁବ୍‌ଲାଏଁ । ଖଜ୍‌ଲାଏଁ ଲେକିନ୍ ନି ପାରଲାଏଁ । ନାଦୀ ଢେର୍ ଗାହେରା ରାହେ ।

କିଛି ଦିନ ତଳର କଥା । ସୁନ୍ଦରଗଡ ଜିଲ୍ଲାର ପାଖ ବନ୍ଦପାଲି ଗ୍ରାମ । ପାଖରେ ନଈ । କେତେ ଗୁଡିଏ ପିଲାଖେଳୁ ଥିଲେ । ଜଣେ ଗଛରେ ଚଢିଥାଏ । ହଠାତ ଡାଳଟି ଭାଙ୍ଗି ପଡିଲା । ଡାଳ ସହ ପିଲାଟି ପଡିଲା ନଈ ଭିତରେ । ଅନ୍ୟ ପିଲାମାନେ ପାଟିକଲେ । ବଡମାନେ ଦୌଡି ଆସି ନଈରେ ବୁଡି ପିଲାଟିକୁ ଖୋଜିଲେ । ପାଇଲେ ନାହିଁ । ନଈ ବହୁତ ଗଭୀର ଥିଲା ।



ଗଟେକ୍ ଟ୍ରାକ୍ ଯାତ୍‌ରାହେ । ଡାଏଭର୍ କା ଲାଗିନ୍ ଉଠିନ୍ ଗାଡ଼ିଠାଲ କାର୍‌ଲାକ୍ । ଉ ଟ୍ରାକ୍ ମେ ଗଟେକ୍ ଛଣ୍ଡା ବୈଠ ରାହେ । ଉ ସୋବ ଗୁଇଠ୍ ଶୁଇନ୍ କେ ନାଦୀ ମେ ଡେଗ୍‌ଲାକ୍ । ଦୁଇ ତିନ ମିନିଟ୍ ଭିତରେ ଉ ଡୁବାଲ୍ ଛାଓ୍ୱା କେ ଧାଇର୍ କେ ନିକିଲ୍‌ଲାକ୍ । ଛାଓ୍ୱାକାର୍ ଚେତା ନି ରାହେ । ଲେକିନ୍ ଉ ବାଇଞ୍ଚ୍ ଗେଲାକ୍ । ଇକାର୍ ମେ ଆବାକ୍ ହୋଏକ୍‌କାର କାଥା ହେକେ । ଏସେନ୍ ତ କେତନା ଆଦମି ଦସ୍‌ରା କେତ୍‌ନା ଆଦ୍‌ମି କେ ବାଞ୍ଚାଏନ୍ । ଆବାକ୍ ହୋଏକ୍‌କାର ଗୁଇଠ୍ ଆହେକି ଉ ଡୁବାଲ୍ ଛଣ୍ଡାଗଟ୍ ଜାନାମ୍ ଆନ୍ଧା ରାହେ ।

ଗୋଟିଏ ଟ୍ରକ୍ ଯାଉଥିଲା । ଡ୍ରାଇଭର କଣ ପାଇଁ ଗାଡି ଅଟକାଇଲା । ସେଇ ଟ୍ରକରେ ଥିଲା ଜଣେ ଯୁବକ । ସେ ସବୁ ଶୁଣି ନଈ ଭିତରକୁ ଡେଇଁପଡିଲା । ଦୁଇ ତିନି ମିନିଟ ଭିତରେ ସେ ବୁଡି ଯାଇଥିବା ପିଲାଟିକୁ ଉଦ୍ଧାର କଲା । ପିଲାଟିର ଚେତା ନଥିଲା । କିନ୍ତୁ ସେ ବଞ୍ଚିଥିଲା । ଏଥିରେ ଆଶ୍ଚର୍ଯ୍ୟ କଣ ? ଏମିତି ତ କେତେ ଲୋକ ଅନ୍ୟ କେତେ ଲୋକଙ୍କୁ ଉଦ୍ଧାର କରନ୍ତି । ଆଶ୍ଚର୍ଯ୍ୟର କଥା ହେଲା କି ସେ ଡୁବାଳି ଯୁବକ ଜଣେ ଜନ୍ମରୁ ଅନ୍ଧ ।



ଲେକିନ୍ ଉକାର ଆଭୁତ୍ ଅନୁଭବ ଶାକ୍ତି ସେ ମାନୁଷ ଇଆ ହାର ଜିନିଷ ପାତାର କେ ଉ ଜାଇନ୍ ପାରେଲ୍ । ଉକାର ନାମ ରାଜୁ ।ରାଜୁ ଟ୍ରାକ୍ ମେ ଜିନିଷ ପାତାର ଉଠାଏଲ୍ ଆଉର୍ ଉତ୍ରାଏଲ୍ । ଆଉର୍ ଉକାର ମେ ଚାଲେଲ୍ । ଏସେନ୍ ସମସ୍ୟାମାନ ହେଲେ ହାମରେ ଆଇଗ୍ଲିଭା ଆଉର ପୁଲିସ୍କାର୍ ମାଦେତ୍ ଲେଇଗ୍ ରାହିଲା । ଉ ଆଇଜ୍ତାକ୍ କନୋଠିନ୍ ହୁଁ ଆସାଫାଲ୍ ନି ହୁଇହେ ।

କିନ୍ତୁ ଭିତରେ ସେ ନିଜର ଅଭୁତ ଅନୁଭବ ଶକ୍ତି ଦ୍ୱାରା ମଣିଷ ବା ଜିନିଷପତ୍ର ଠାବ କରିପାରେ । ତାଙ୍କର ନାମ ହେଉଛି ରାଜୁ । ଟ୍ରକର ଜିନିଷ ଲଦି ଓ ଓହ୍ଲାଇ ଚଳେ କିନ୍ତୁ ଏଭଳି ସମସ୍ୟା ଦେଖା ଦେଲେ ଆମେ ଅଗ୍ନିଶମ ଓ ପୁଲିସକୁ ଡକାଇ ଏହାର ସାହାଯ୍ୟ ନେଇଥାଉଁ । ସେ ଆଜିଯାଏ ଅସଫଳ ହୋଇନାହିଁ ।



# ବେର୍ ଆଉର ସୁର୍ଯ୍ୟ
## (ସୂର୍ଯ୍ୟ ଓ କୁକୁଡ଼ା)



ଆଗେ ଆକାଶ ମେ ସାତ୍‌ଗୋ ବେରା ରାହେ । ବେରାକାର ଗାରାମ୍ ମେ ଧାରତୀ ଜାଇଲ୍‌ଯାତ୍ ରାହେ । ଆଦ୍‌ମିମାନ୍ ଧାନୁତୀର୍ ସେ ଛଅଗଟ ବେର୍‌କେ ମାଇର୍ ଦେଲାଏଁ । ସାତଆଁ ଗଟ୍ ଡାର୍‌ହେ ପାହାଡକାର୍ ପିଛେ ଲୁଇକ୍ ଦେଲାକ୍ । ଧାରତୀକାର୍ ଚାରିଓଆର୍ରା ଆନ୍ଧାର୍ ହୋଇଗେଲାକ୍ । ଗାଛପାଢ଼େଇମାନ୍ ବାଢ଼େକ୍ ନି ପାର୍‌ଲାକ୍ । କେହୋ କାମ୍ ଯାଏକ୍‌ନି ପାର୍ଲାଏଁ । ପାଶୁ ଚାରେଇମାନ୍ ଆସୁବିଧାମେପାଡ଼୍‌ଲାଏଁ । ସବ୍ ଜିଉଜାଉଁତ୍‌ମାନ୍ ବଲାଲାଏଁ, ଲେକିନ୍ ବେରା ନି ବାହାର୍‌ଲାକ୍ । କାଓ୍ୱା କାହାଲାକ୍-ମଏଁ କାଟିକ୍ ବଲାଅନ୍ -କା-କା-କା । ଲେକିନ୍ ବେରାନି ବାହାର୍‌ଲାକ୍ ।



ଆଗ ଆକାଶରେ ସାତଟି ସୂର୍ଯ୍ୟ ଥିଲେ । ସୂର୍ଯ୍ୟଙ୍କର ଗରମରେ ପୃଥିବୀ ଜଳି ଯାଉଥିଲା । ମଣିଷମାନେ ଧନୁତୀରରେ ଛଅଟି ସୂର୍ଯ୍ୟକୁ ମାରିଦେଲେ । ସପ୍ତମ ସୂର୍ଯ୍ୟଟି ଭୟରେ ପାହାଡ ଉହାଡରେ ଲୁଚିଗଲେ । ପୃଥିବୀର ଚାରିଆଡେ ଅନ୍ଧାର ହୋଇଗଲା । ଗଛପତ୍ର ବଢି ପାରିଲେ ନାହିଁ । କେହି କାମକୁ ଯାଇପାରିଲେ ନାହିଁ । ପଶୁପକ୍ଷୀ ଅସୁବିଧାରେ ପଡିଲେ । ସବୁ ଜୀବଜନ୍ତୁମାନେ ଡାକିଲେ, କିନ୍ତୁ ସୂର୍ଯ୍ୟ ବାହାରିଲେ ନାହିଁ । କାଉ କହିଲା-ମୁଁ ଟିକେ ଡାକୁଛି- କା-କା-କା । କିନ୍ତୁ ସୂର୍ଯ୍ୟ ଆସିଲେ ନାହିଁ ।

ଆକ୍ଷିରୀ ମେ ମୁର୍ଗା କାହାଲାକ୍- ମଏଁ କାଟିକ୍ ବଲାଅନା । କକ୍‌ରେ କଁ । ବେରା ପାହାଡ୍‌କାର୍ ପାଛେ ସେ କାଟିକ୍ ମୁହୁଁ କେ ଦେଖାଲାକ୍। ମୁର୍ଗା ଆଉର ବଲାଲାକ୍-କକ୍‌ରେ କଁ । ଇ ବେରା ପାହାଡକାର୍ ପାଛେ ସେ ବେରା ଧୀରେ ଧୀରେ ଉଠ୍‌ଲାକ୍ । ମୁର୍ଗା ବଲ୍‌ଲାକ କରେ କଁ । ବେରା ଇ ବେରା ପୁରା ଗୋଲ ହୋଇକେ ପୂର୍ବ ଦିଗ୍‌ସେ ଉଗ୍‌ଲାକ୍ । ଆହେଦିନ୍ ସେ ତିନିବେର୍ ମୁର୍ଗା ବଲେଲ୍ ହଲେ ବେରା ଉଗେଲ୍ ।

ଶେଷରେ କୁକୁଡା କହିଲା, ମୁଁ ଟିକେ ଡାକେ କକରେ କଁ। ସୂର୍ଯ୍ୟ ପାହାଡ ସେପଟୁ ଟିକେ ମୁହଁ ଦେଖାଇଲେ। କୁକୁଡା ଆହୁରି ଡାକିଲା-କକରେ କଁ। ପାହାଡ ଉହାଡରୁ ସୂର୍ଯ୍ୟ ଧୀରେ ଧୀରେ ଉଠିଲେ। କୁକୁଡା ଡାକିଲା- କକରେ କଁ। ସୂର୍ଯ୍ୟ ଏଥର ପୁରା ଗୋଲ ହୋଇ ପୂର୍ବ ଦିଗରେ ଉଇଁଲେ। ସେହି ଦିନଠାରୁ ତିନିଥର କୁକୁଡା ଡାକିଲେ ସୂର୍ଯ୍ୟ ଉଏଁ।



# ନୁନୀ ଆଉ ପାପଲା
## (ଝିଅ ଏବଂ ପ୍ରଜାପତି)

ନୁନୀଗଟ୍ ଖେଲାତ୍ ରାହେ। ଉ ସୁନ୍ଦାର୍ ପାପ୍‌ଲା କେ ଦେଖ୍‌ଲାକ୍। ଉକେ ଧାରେକ୍ ଲାଗିନ୍ ଉକାର୍ ପାଛେ ପାଛେ କୁଦ୍‌ଲାକ୍। କେତ୍‌ନା ଦୂର୍ ଗେଲାକ୍ ପାଛେ ପାପ୍‌ଲା କାହଁା ଲୁଇକ୍ ଦେଲାକ୍। ଉକେ ଖଜ୍‌ତେ ଖଜ୍‌ତେ ଜାଙ୍ଗାଲ୍ ଭିତ୍‌ରେ ଉ ଡାହାର୍ ବେଣାଏ ଗେଲାକ୍। ଉକ୍‌ରେ ଲାଗିନ୍ ଉ କାନ୍ଦ୍‌ଲାକ୍। ନୁନୀକେ ଗୋଟେକ୍ କାଉଓ୍ୱା ଦେଖ୍‌ଲାକ୍। କାଉଓ୍ୱା ନୁନୀ କେ ଉ ଜାଙ୍ଗାଲ ଭିତରେ କାଉ ଗୋଟେକ୍ ଗାଅଁ ଲେଇଗେଲାକ୍। ଉ ଗାଅଁମେ ବାନ୍ଦ୍‌ରାକାର୍ ସାଦି ରାହେ। ଉହଁା ନୁନୀ କେ ଢେର ଚହ୍ଳା ମିଲ୍‌ଲାକ୍। ଉକେ ହାର୍ ରାକାମ୍‌କାର୍ ଫାଲ୍ ମୂଲ୍ ଖାଏକ୍ ଲାଗିନ୍ ଦେଲାଏଁ। ବାନ୍ଦରାମାନ୍‌କାର୍ ନାଚେକ୍ ଆଉର ବାଜା ଦେଇଖ୍ କେ ଖୁସ୍ ହୋଇଗେଲାକ୍।

ଝିଅଟିଏ ଖେଳୁଥିଲା। ସେ ସୁନ୍ଦର ପ୍ରଜାପ୍ରତିଟିଏ ଦେଖିଲା। ତାକୁ ଧରିବା ପାଇଁ ତା ପଛରେ ଦୌଡିଲା। କିଛି ଦୂର ଗଲାପରେ ପ୍ରଜାପତି କୁଆଡେ ଲୁଚିଗଲା। ତାକୁ ଖୋଜୁ ଖୋଜୁ ଜଙ୍ଗଲ ଭିତରେ ସେ ବାଟବଣା ହୋଇଗଲା। ତେଣୁ ସେ କାନ୍ଦିଲା। ଝିଅଟିକୁ ଗୋଟିଏ କାଉ ଦେଖିଲା। କାଉ ଝିଅଟିକୁ ସେ ଜଙ୍ଗଲ ଭିତରର ଗୋଟିଏ ଗାଁକୁ ନେଇଗଲା। ସେ ଗାଁରେ ମାଙ୍କଡର ବିଭାଘର ହେଉଥାଏ। ସେଠାରେ ଝିଅଟିକୁ ବହୁତ ଆଦର ମିଳିଲା। ତାକୁ ଅନେକ ପ୍ରକାର ଫଳ ମୂଳ ଖାଇବାକୁ ଦେଲେ। ମାଙ୍କଡ ମାନଙ୍କର ନାଚ ଓ ବାଜା ଦେଖି ସେ ଖୁସି ହୋଇଗଲା।



ଉକାର ଦସରାଦିନ୍ ବିହାନେ ନୁନୀଗଟ୍ ଅହେ ପାପ୍‌ଲାକେ ଭେଟଲାକ୍ । ପାପଲା ସାଙ୍ଗେ ଉ ଖେଲ୍‌ଲାକ୍ ବୁଲ୍‌ଲାକ୍ ଆଉର୍ ଗୀତ ଗାଲାକ୍ । ଉକେ ଢ଼େର ଆଛା ଲାଗାତ୍ ରାହେ ।ନୁନୀଗଟ ପାପଲା କେ ନି ଛଡ୍‌ଲାକ୍ । ଉକାର୍ ପାଛେ ପାଛେ କୁଦ୍‌ଲାକ୍ । ଆଖ୍‌ରୀମେ ନୁନୀଗଟ୍ ମାନ୍ ଖୁସ୍ ମେ ଆପାନ୍ ଘାର ଘୁର୍‌ଲାକ୍ ।

ତାର ଆରଦିନ ସକାଳେ ଝିଅଟି ସେହି ପ୍ରଜାପତିକୁ ଭେଟିଲା । ପ୍ରଜାପତି ସାଙ୍ଗରେ ସେ ଖେଳିଲା, ବୁଲିଲା ଆଉ ଗୀତ ଗାଇଲା । ତାକୁ ବହୁତ ଭଲ ଲାଗୁଥିଲା । ସେ ପ୍ରଜାପତିକୁ ଛାଡିଲା ନାହିଁ । ତା ପଛେ ପଛେ ଦୌଡିବାକୁ ଲାଗିଲା । ଶେଷରେ ଝିଅଟି ମନ ଖୁସିରେ ନିଜ ଘରକୁ ଫେରିଲା ।



# ସାନେଇଫୁଲ
## (ଛଣି ଫୁଲ)

ଗୋଟେକ୍ ବୁଢୀ ଆ ରାହେଲ । ସାନେଇଫୁଲ ତରେକ୍ ଯାଏ । ସାନେଇଫୁଲ୍ ତରେକ୍ ନିପାରଲାକ୍ । ବେର୍‌ା କାହେଲା ମୋର୍ ଲାଗିନ୍ କେ ହାରା ସାନେଇ ଫୁଲ୍ ତୋଇର ଦେବା ଉକେ ମୋର୍ ବେଟା ହୋଇହୋଲେ । ସମ୍ବନ୍ଧି କରାଏଦେବ ଆଉର୍ ମୋର ବେଟୀ ହୋଇ ହେଲେ ଉକୋ ଦେଇ ଦେବ । ଇ ଗୁଇଠ୍ ସୁଇନ୍‌କେ ମୂଷା କୁଇଦ୍ ଆଲାକ୍ ।

ଗୋଟିଏ ବୁଢିଥିଲା । ସେ ସାନେଇ ଫୁଲ ତୋଳିବାକୁ ଯାଇଥିଲା । ସାନେଇଫୁଲ ତୋଳି ପାରିଲା ନାହିଁ । ବୁଢୀ ଡାକିଲା କିଏ ମୋ ପାଇଁ ସାନେଇ ତୋଳି ଦେବ ତାକୁ ମୋର ପୁଅ ହେଲେ ସମ୍ବନ୍ଧି କରେଇ ଦେବି ଏବଂ ଝିଅହେଲେ ତାକୁ ଦେଇଦେବି । ଏକଥା ଶୁଣି ମୂଷା ଧାଇଁକି ଆସିଲା ।



ସାନେଇ ଫୁଲ ତଇର୍ ଦେଲାକ୍, ବୁଢ଼ିଆ ଉକେ ଧାଇର୍‌କେ ଘାର ଘୁର୍‌ଲାକ୍ । ମୁଷା କାଓ୍ୱାକେ କାହାଲାକ୍ ଯା କାଉଓ୍ୱା ଦେଇଖ୍‌କେ ଆବେ ଉ ବୁଢ଼ୀକେର ବେଟୀ ହୋଇହେ କି ବେଟା ହୋଇହେ । କାଉଓ୍ୱା ଗୋ ଯାଏଲ୍ ବୁଢୀ ମାନାକ୍ ଘାର୍ ଆଗେ କା-କା- କାରେଲା । ବୁଢୀ ଘାର୍‌ସେ ନିକେଲାକ୍ ଆଉର୍ କା ହେଲା କା ହାଲାକ୍ ରେ କାଓ୍ୱା ବେଟାରେ ବେଟୀ ନି ହୋଏକ୍ । କାଉଓ୍ୱା ଗୋଟଙ୍ଗ୍ ଘୁରଲାକ୍ । ମୂଷାକେ କାହଲକ୍ ବେଟୀ କି ବେଟା ନି ହୋଏ ହେ । ଉକାର୍ ଆଉର ଏକଦିନ୍ କାଉଓ୍ୱା ଆଓ୍ୱେଲା ଆଉର କା-କା- କାରେଲା ବେରା ବୁଢୀଆ ଘାର୍ ସେ ନିକେଲା କାହେଲା ବେଟୀ ହୋଇହେ । କାଉଓ୍ୱା ଯାଏ କେ ମୂଷାକେ କାହେଲା କି ବେଟି ହୋଇ ହେ । ମୂଷା ଆଓ୍ୱେଲା ଆଉର୍ କାହେଲା । ଏସାଇସ୍ ବୁଢୀଆ ତୋର୍ ବେଟୀ କେ ଲେଗେକ ଲାଗିନ୍‌ଆହଁ । ଉ ବୁଢୀଆ ଉକାର ବେଟୀ ହାର୍‌କେ ଦେଇ ଦେଓ୍ୱେଲା । ମୂଷା ଗୋଟଙ୍ଗ୍ ଲେଇଗ୍ ଯାଏଲା । କେତେକଦିନ ହୋଏଲ୍ । ଆଉର ଉଛୁଣି ଗୋଟଙ୍ଗ୍ ମୂଷା କେ ମାଇର୍ କେ ତିଆନ୍ ରାନ୍ଧେଲା । ମୂଷା ଗାସ୍‌କେ ଧାଇର୍‌କେ ଉକାର ମାୟ ଘାର୍ ଆଲାକ୍ ।

ସୋନେଇ ଫୁଲ ତୋଳି ଦେଲା ବୁଢୀତାକୁ ଧରି ଘରକୁ ଫେରିଲା । ମୂଷା କାଉକୁ କହିଲା ଯା କାଉ ଦେଖିକି ଆସିବୁ ସେ ବୁଢୀର ଝିଅ ହୋଇଛି ନା ପୁଅ ହୋଇଛି । କାଉଗଲା ଆଉ ବୁଢୀ ଘର ଆଗରେ କା-କା- କଲା, ବୁଢୀ ଘରୁ ବାହାରି କହିଲା କଣ ହେଲା ଝିଅ ନା ପୁଅ ହୋଇନାହିଁ । କାଉ ଫେରି ଗଲା । ମୂଷାକୁ କହିଲା ଝିଅ କି ପୁଅ ହୋଇନାହିଁ । ତା ପରଦିନ ମୂଷା ପୁଣି କହିଲା ଯା ଦେଖି ଆସିବୁ । କାଉ ଗଲା ପୁଣି ବୁଢୀର ଘର ଆଗରେ କା-କା-କଲା, ବୁଢୀ ଘରୁ ବାହାରି ଦେଖିଲା କାଉ ଆସିଛି । ବୁଢୀ କହିଲା ଝିଅ ହୋଇଛି । କାଉ ଯାଇ ମୂଷାକୁ କହିଲା ଝିଅ ହୋଇଛି । ମୂଷା ପରଦିନ ବୁଢୀର ଘରକୁ ଆସିଲା । କହିଲା ଶାଶୁ ମା ତୁମ ଝିଅକୁ ଦିଅ, ବୁଢୀ ଝିଅକୁ ଦେଇଦେଲା । ମୂଷା ନେଇଗଲା । ଦିନ ଗଡିଚାଲିଲା । ଦିନେ ସେଇ ଝିଅ ମୂଷାକୁ ମାଂସ ରାନ୍ଧିଲା । ମାଂସକୁ ଧରି ତା ମା ଘରକୁ ଆସିଲା ।



ଉକାର ଆୟୋକେ ଗସ୍ ଦେଲାକ୍। ଆୟୋହାର ଗସ୍‌କେ ଧାଇର୍ କେ କାହାଲାକ୍ ମୋର ଦମ୍‌ଦ୍ କାହଁ ଗୋଲାକ୍ ଆଲାକ୍ ନାହିଁ। ଛୁନ୍‌ଲି ଗ କାହାଲାକ୍ ମୋର୍ ପାଛେ ପାଛେ ଆଓ୍ୱାତ୍ ରାହେ ଆଓ୍ୱାତ୍ ରାହି। ଛୁନ୍‌ଲିଗୋ କାହାଲାକ୍ ଗସ୍‌କେ ଖାଏଦେ। ଉଳାର ଆୟୋ ଗସ୍‌ତିଆନ୍‌କେ ଖାଏ ସିରାଏକେ କାହାଲାକ୍। ମୋର ଦାମାଦ୍ କାହାଁ। ଛୁନ୍‌ଲି ଗୋ କାହାଲାକ୍ ତୋର୍ ଦାମାଦ୍‌କେ ତୋ ତଏଁ ଖାଲେ ତର ଦାମାଦ୍ ଆଓ୍ୱି କାହାଁସେ । ବୁଢ଼ିୟା କାହାଲାକ୍ ମୋର୍ ଦାମାଦ୍ ମୋର୍ ପେଟ୍ ସେ ଅ............ ଦାମାଦ୍ ନିକକେଲ୍ ଯା....। ମୂଷା ନିକ୍‌ଲ ଆଲାକ୍।

ତା ମାକୁ ମାଂସ ଦେଲା। ସେଇ ମାଂସକୁ ଧରି ବୁଢ଼ୀ କହିଲା ମୋ ଜ୍ୱାଇଁ କାହିଗଲା ଆସିଲା ନାହିଁ। ଝିଅଟି କହିଲା। ମୋ ପଛେ ପଛେ ଆସୁଥିଲା ଆସୁଥିବ। ଖାଇ ଦେ ମାଂସକୁ। ତା ମା ମାଂସକୁ ଖାଇସାରି କହିଲା ମୋ ଜ୍ୱାଇଁ କାହିଁ ? ଝିଅଟି କହିଲା ତୋ ଜ୍ୱାଇଁକୁ ତୁ'ତ ଖାଇଲୁ ତୋ ଜ୍ୱାଇଁ ଆସିବ କୋଉଠୁ। ବୁଢୀଟି କହିଲା ମୋ ଜ୍ୱାଇଁ ମୋ ପେଟରୁ ବାହାରି ଯାଅ ବାହାରି ଯାଅ.............। ମୂଷା ବାହାରି ଆସିଲା।



# ବାନ୍ଦରା ଆଉର୍ ବାଢେଇ
# (ମାଙ୍କଡ଼ ଏବଂ ବଢ଼େଇ)

ଏକଠୁ ଗାଓଁ ମେ ଗଟେକ୍ ଧନୀମାନୀ ଆଦ୍‌ମି ରାହେ । ଉକାର୍ ବାଗିଚା ମେ ଆମ୍ବା, ତାମ୍‌ରାସ୍, ଲେମ୍ବୁ , ସାନ୍ତ୍ରା ଲେଖେନ୍ ବାହୁତ୍ କିସିମ୍ କେର୍ ଫାର୍ ଗାଛ୍‌ରାହେ । ଫାର୍ ବାଗିଚା ପାଖେ ଗୋଟେକ ବାଡ ମାଏଁ ଦାନ ରାହେ । ଧାନୀ ଆଦ୍‌ମିଠୁ ଉ ମାଏଁଦାନ ମେ ଗଟେକ୍ ମାନ୍ଦିର୍ ବନାଏକ୍ ଲାଗିନ୍ ଠିକ୍ କାର୍‌ଲାକ୍ । ମିସ୍ତ୍ରୀ, ବାଢ଼େଇ, ଲହ୍‌ରା ସଭେଁ ଆଏକେ ମାନ୍ଦିର୍ ବାନାଏକ୍ କାମମେ ଲାଇଗ ଗେଲାଏଁ । ମିସ୍ତ୍ରୀମାନେ ଇଟା କାମ୍, ବାଢେଇ ମାନ୍ କାଠ୍ କାମ୍ ଆଉର୍ ଲହରାମାନେ ଲହାକାମ୍ କାର୍‌ଲାଏଁ । ସୋଭ୍‌ହାର୍ ଦିନ୍‌ରାଇତ୍ କାମ୍‌ମେଁ ଲାଇଗେକେ ସୁନ୍ଦାର୍ ମାନ୍ଦିର୍ ବାନାଏକ୍ ମେ ଲାଇଗ୍ ପଡ୍‌ଲାଏଁ ।

ଗୋଟିଏ ଗାଁରେ ଜଣେ ଧନୀ ଲୋକ ଥିଲେ । ତାଙ୍କ ଫଳ ବଗିଚାରେ ଆମ୍ବ, ପିଜୁଳି, ଲେମ୍ବୁ, କମଳା ଏମିତି ଅନେକ ପ୍ରକାରର ଫଳଗଛ ଥିଲା । ଫଳ ବଗିଚା ପାଖରେ ଗୋଟିଏ ବଡ ପଡିଆ ଥିଲା । ଧନୀଲୋକ ଜଣକ ସେଇ ପଡିଆରେ ମନ୍ଦିରଟିଏ ତୋଳାଇବାକୁ ଠିକ୍ କଲେ । ମିସ୍ତ୍ରୀ, ବଢେଇ, କମାର ସମସ୍ତେ ଆସି ମନ୍ଦିର କାମରେ ଲାଗିଲେ । ମିସ୍ତ୍ରୀମାନେ ଇଟାକାମ, ବଢେଇମାନେ କାଠକାମ ଓ କମାର ମାନେ ଲୁହାକାମ କଲେ । ସମସ୍ତେ ଦିନରାତି କାମ କରି ସୁନ୍ଦର ମନ୍ଦିରଟି ଗଢିବାପାଇଁ ଲାଗିପଡିଲେ ।



ବାଢେଇମାନ୍ ଆରୀସେ ବାଢ଼ ବାଢ଼ ଗାଛ୍‌ମାନ୍‌କେ ଚିରେକ୍ ଲାଗଲାଏଁ ସାଞ୍ଝ୍ ହୋଇ ଗେଲାକ୍ ବାଢେଇମାନ ଆଧା ଚିରା ଗାଛ୍ ମେ କିଲା ଠୋଇକ୍‌କେ ଘାର ଚାଇଲ୍ ଗେଲାଏଁ । ଥୋଡ଼େ ଦେରି ବାଦ ଗଟେକ୍ ଗାହଁଚ ବାନ୍ଦ୍ରା ବାଗିଚା ଭିତରେ ଆଲଏଁ । ଉମାନ୍ ମାନ୍ ଭାଇର୍ କେ ଆମ୍ବା, ତାମ୍‌ରାସ ସାନ୍ତ୍ରା ମାନ୍‌କେ ଖାଲାଏଁ । ଉମାନ୍‌କେର୍ ଭିତରେ ଗଟେକ୍ ବାଦ୍‌ମାସ୍ ବାନ୍ଦ୍ରା ରାହେ । ଉ ଭାଇର୍ ପେଟ୍ ଫାର୍ ଖାଲାକ୍ । ଯେ ହାତ ମେ ଆଲାକ୍ ଉକେ ଛିଣାଏ ଛିଣାଏ କେ ଫେଁକେକ୍ ଲାଗ୍‌ଲାକ୍ । ଆଖ୍‌ରୀ ମେଁ ଯାଏକେ ଏକ୍‌ଠୁ ଆଧାଚିରା ଗାଛ୍ ଖାଣ୍ଡା ମେଁ ବାଇଠ୍‌ଲାକ୍ ।



ବଢେଇମାନେ କରତରେ ବଡ କାଠଟିଏ ଚିରୁଥାନ୍ତି । ସନ୍ଧ୍ୟା ହୋଇଗଲା । ସେମାନେ ଅଧାଚିରା କାଠରେ କିଳାଟିଏ ଦେଇ ଘରକୁ ଚାଲିଗଲେ । କିଛି ସମୟପରେ ମାଙ୍କଡ ବଗିଚା ଭିତରକୁ ଆସିଲେ । ସେମାନେ ମନଇଚ୍ଛା ଆମ୍ବ, ପିଜୁଳି ଖାଇଲେ । ସେମାନଙ୍କ ଭିତରେ ଗୋଟିଏ ଦୁଷ୍ଟ ମାଙ୍କଡ ଥିଲା । ସେ ପେଟଭରି ଫଳ ଖାଇଲା । ଯାହା ହାତରେ ପାଇଲା ଛିଣ୍ଡାଇ ଫିଙ୍ଗା ଫୋପଡା କଲା । ଶେଷରେ ଯାଇ ଅଧାଚିରା କାଠ ଗଣ୍ଡି ଉପରେ ବସିଲା ।

ଆଉର୍ କାହଲାକ୍ ଦେଖାମଏଁ ରାଜା ହୋଇକେ ସିଂହାସାନ୍ ଉପ୍‌ରେ ବାଇଠ ହଁ । ବୁଢ଼ା ବାନ୍ଦରା ଉକେ ଗାରିଆଏକେ କାହାଲାକ୍ । ଆଧାଚିରାଇ ଗାଛ ଉପ୍‌ରେ ନା ବାଇଠ୍ ପୁଁଛୁରୀ ଚିପାଏ ହୋଇଯାଇ ।ବାଦ୍‌ମାସ ବାନ୍ଦ୍‌ରା କେକ୍‌ରୋ ଗୋଇଠ୍ କେ ନି ସୁଇନ୍ କେ, କାଠୀ ଖାଣା ଉପ୍‌ରେ ନାଚେକ୍ କୁଦେକ୍ ଲାଗ୍‌ଲାକ୍ । ଆଉର୍ ଗାଛ୍ ଖାଣା । ମାଝିମେଁ ଖିଲା ଠୋକାଲ୍ କେ ଦେଇଖ୍ କେ କାହାଲାକ୍, ରାଜାକେର୍ ସିଂହାସାନ୍ ମେ ଇଖିଲା ଲାଇଗକେ ବେଶ୍‌ନି ଦିସାଥେ । ଇତ୍‌ନା କାହିକେ ଗାଛ୍ ମେ ଲାଗଲ୍ ଖିଲାକେ ଜାବାର୍ ଦାସ୍ତି ଖିଚ୍ ଟାଇନ୍ କେ ନିକ୍‌ଲାଏକ ଦେଲାକ୍ । ଉକାର୍, ଲାମ୍ବା ପୁଛରୀଠୁ ଗାଛ୍‌କେର ଫାଆଁକ୍ ମେ ରାହି ଗେଲାକ୍ ଖିଲା ନିକେଇଲ୍ ଯାଏକ୍ ସେ ପୁଛରୀଚିପାଏ ହୋଇ ଗେଲାକ୍ । ଉକେ ବହୁତ ବାଧା ହୋଲାକ୍ । ଉ ପୁଛରୀକେ ବହୁତ ବେର୍ ଘିଚା ଘିଚି କାର୍‌ଲାକ୍ ଲେକିନ୍ ପୁଛରୀ ନି ନିକିଲ୍ ଲାକ୍ ଆଉର୍ ଆପାନ୍ ବୁଦ୍ଧି ଲାଗିନ୍ ବହୁତ କାଠିନ୍ ଦାରଦ୍ / ବାଧା ପାଲାକ୍ ।

କହିଲା ଦେଖ ମୁଁ ରାଜା ହୋଇ ସିଂହାସନ ଉପରେ ବସିଛି । ବୁଢା ମାଙ୍କଡଟି ତାକୁ ଗାଳିଦେଇ କହିଲା, ଅଧାଚିରା କାଠଗଣ୍ଡି ଉପରେ ବସନାହିଁ । ଲାଙ୍ଗୁଡ ଚିପି ହୋଇଯିବ । ଦୁଷ୍ଟମାଙ୍କଡଟି କାହା କଥା ନ ଶୁଣି କାଠ ଗଣ୍ଡି ଉପରେ ନାଚକୁଦ କଲା । ସେ କାଠଗଣ୍ଡି ମଝିରେ କିଳାକୁ ଦେଖି କହିଲା, ରାଜାଙ୍କ ସିଂହାସନରେ କିଳାଟା ଲାଗି ଅସୁନ୍ଦର ଦେଖାଯାଉଛି । ଏତିକି କହି କିଳାଟିକୁ ଟାଣି ଓଟାରି ବାହାର କରିଦେଲା । ତାର ଲମ୍ବା ଲାଙ୍ଗୁଡଟି କାଠ ଫାଙ୍କରେ ରହିଗଲା । କିଳାଟି ବାହାରି ଯିବାରୁ ଚିପି ହୋଇଗଲା । ତାକୁ ବହୁତ କଷ୍ଟ ହେଲା, ସେ ଲାଙ୍ଗୁଡକୁ ଅନେକ ଟଣାଟଣି କଲା । ହେଲେ ଲାଙ୍ଗୁଡ ବାହାରିଲା ନାହିଁ । ନିଜ ଦୁଷ୍ଟାମି ଯୋଗୁଁ ମାଙ୍କଡଟି ବହୁତ କଷ୍ଟ ପାଇଲା ।



# ରାଜା କନ୍ ହବାଏଁ
## (ରାଜା ହେବ କିଏ)

ଗୋଟେକ୍ ରାଇଜ୍ ମେ ଗୋଟେକ୍ ରାଜା ରାହେ, ଉକାର ସାତ୍ଠୁ ରାନି ରାହାଏଁ। ଉମାନକେର ଛାଓ୍ୱାପୁତା ନି ହଆତ୍ ରାହାଁଏଁ। ଏକଦିନ୍ ରାଜା ଏକ୍ ବାବା କେର୍ ଆଶ୍ରମ୍ ଗେଲାକ୍। ଉ ବାବା ଉକେ ଉକାର ବଗିଚା ସେ ସାତ୍ ଆମ୍ବା ଦେଲାକ୍। ରାଜା ଗନ୍ତୀ କାଇର କେ କିରି ଉ ଆମ୍ବା କେ ଉକାର ରାନି ମାନକେ ଦେଲାକ୍। ହଲେ ଉକାର ଛଅଠୁ ରାନି ସାତ୍ଠୁ ଆମ୍ବା ସବକେ ଖାଏ ଦେଲାଏଁ। ସବ୍ ସେ ଛୋଟ୍ ରାନି କେ ଆମ୍ବା ନି ଦେଲାଁଏଁ। ହଲେ ଛୋଟ୍ ରାନି ଆମ୍ବା କେର୍ ଚୋପା ଟାକୁଁ ମାନକେ ବିଛ୍ ଖାଲାକ୍।

ଗୋଟିଏ ରାଜ୍ୟରେ ଗୋଟିଏ ରାଜା ଥିଲେ। ତାଙ୍କର ସାତଟି ରାଣୀ ଥିଲେ। ହେଲେ ସେମାନଙ୍କର ଛୁଆପିଲା ହେଉ ନ ଥିଲେ। ଦିନେ ରାଜା ଗୋଟିଏ ବାବାଜୀଙ୍କ ଆଶ୍ରମକୁ ଗଲେ। ବାବା ତାଙ୍କ ବଗିଚାରେ ଥିବା ଆମ୍ବ ସାତଟି ଦେଲେ। ରାଜା ସେ ଆମ୍ବ ଗୁଡିକୁ ତାଙ୍କ ରାଣୀମାନଙ୍କୁ ଦେଲେ। ହେଲେ ଛଅ ଜଣ ରାଣୀ ସବୁ ଆମ୍ବ ଖାଇଦେଲେ ଓ ଛୋଟ ରାଣୀକୁ ଦେଲେ ନାହିଁ। ହେଲେ ଛୋଟରାଣୀ ଛାଲି ଓ ଟାକୁଆକୁ ବାଛି ଖାଇଲେ।



କୁଛ୍ ମାହିନା ଗାଲକେର୍ ବାଦ୍ ସବ ରାନି କେର୍ ଚୁଆ ହଲାଏଁ ଛୋଟ୍ ରାନିକେର୍ ଅସୁନ୍ଦର ଛୁଆ ହଲାକ୍। ସବ୍ ରାନି ମାନେ ଉମାନଙ୍କର ବେଟା ମାନ୍କେ ରାଜା ହବା ଏନ୍ କାହାରିହେନ୍ । ଏକ୍ଦିନ୍ ରାଜା ଉକାର ବେଟାମାନ୍କେ ବାନିଜ୍ କାରେକ୍ ଭେଜ୍ଲାକ୍। ଉମାନଙ୍କର ଭିତରୁ ଜୋନ୍ ବେଟା ଖୋବ୍ ଧାନ୍ ସମ୍ପତ୍ତି ଆଇନ୍ କେ ରାହବେ। ଉବେଟା ରାଜା ହବା କାହାକେ ରାଜା କାହାତରାହେନ୍। ସବ୍ସେ ଛୋଟ୍ ବେଟା ଗ ସବକାର ମେ ହୁସିଆର ଗ । ଉ ବେଟା ଗ ଖୋବ୍ ଧାନ୍, ସୁନା, ରୂପା, ପଇସା ଆଇନ୍ ରାହେ ।

ପାଛେ ସବ୍ଠୁ ଛୋଟ୍ ରାନି କେର୍ ବେଟା ରାଜା ହଲାକ୍ ।

କିଛି ମାସ ଗଲାପରେ ସବୁ ରାଣୀଙ୍କ ଛୁଆପିଲା ହେଲେ । ହେଲେ ଛୋଟ ରାଣୀଙ୍କର ଗୋଟିଏ ଅସୁନ୍ଦର ପୁଅଟିଏ ହେଲା । ସବୁରାଣୀ ନିଜ ନିଜ ପୁଅଙ୍କୁ ରାଜ୍ୟର ରାଜା ହେବେ ବୋଲି କହୁଥିଲେ । ଦିନେ ରାଜା ତାଙ୍କର ସମସ୍ତ ପୁଅଙ୍କୁ ବାଣିଜ୍ୟ କରିବା ପାଇଁ ପଠାଇଲେ ଏବଂ କହିଲେ ଯିଏ ସବୁଠୁ ଅଧିକ ଧନ ସମ୍ପତ୍ତି ଆଣିବ ସେ ହିଁ ଏ ରାଜ୍ୟର ରାଜା ହେବ । ସବୁଠାରୁ ଛୋଟ ରାଣୀର ପୁଅଟି ଅସୁନ୍ଦର ହେଲେ ମଧ୍ୟ ଅଧିକ ଚତୁର ଥିଲେ । ସେ ବହୁତ ଧନ ସମ୍ପତ୍ତି, ସୁନା, ରୂପା ଆଣିଥିଲେ ।

ପରବର୍ତ୍ତୀ ସମୟରେ ଛୋଟରାଣୀଙ୍କର ପୁଅ ସେହି ରାଜ୍ୟର ରାଜା ହେଲେ ।



# କାରାମ୍ ପାରାବ୍
# (କାରମା ପର୍ବ)

ଭାଗ୍ୱାନ୍  ଧାର୍‌ମେସ୍ ଗୋଟା ଦୁନିଆଁ କେ ସିର୍‌ଜାଲେଁ ଆଉର୍ ଦୁନିଆଁ କେର୍ ସୋଉବ ଜୀଉଜାନ୍‌ୱାର ମାନ୍‌କେ ଭି ସିର୍‌ଜାଲେଁ । ଧାରମେସ୍ ଦୁନିଆଁ କାରି । ଏହେ ସେୱାକେର୍ ଭାୱନା କେ ମାନମେଁ ଲେଇକେ ଧାର୍‌ମେସ୍ ମାନୱାକେ ସିର୍‌ଜାଏକ ଲାଗିନ୍ ସୋଚ୍‌ଲାଏଁ । ଏକ ଦିନ୍ ଧରମେସ୍ ଏକ ସାମୁଦାର କେର୍ କିନାରେ ଗୋଟେକ୍ ପାଖ୍‌ନା ଉପରେ ବାଇଠ୍‌କେ ସୌଚେକ୍ ଲାଗ୍‌ଲାଏଁ କି ମଏଁଇ ସାମୁଦାର୍ କେର ସାଫା ମାଟିସେ ମାନୱା ଏକ ବାନବୁଁ । ଲେକିନ କେହାର ସାମୁଦାର୍ ସେ ମାଟି ଲାଇନ୍‌କେ ମକେ ଦେଇ ? ଯେକର୍‌ସେ ମଏ, ମାନ୍‌ୱାକେ ବାନା ବୁଁ । ଏହେ ସାମାୟ ମେଁ ଧରମେସ୍ ଗୋଟେକ୍ ଖାଖ୍‌ରା କେ ଦେଖ୍‌ଲାଏଁ, ଆଉର୍ ସାମୁଦାର୍ ସେ ସାପା ମାଟି ଲାନେକ୍ ଲାଗିନ୍ କାହଲଏଁ କି, ଏ ଖାଖ୍‌ରା ଭାଇ ଯାତଏଁ ସାମୁଦାର ସେ ଶୁଦ୍ଧ (ସାଫା)ମାଟି ଲାଇନ୍ ଦେୱେକ୍ ପାର୍‌ବେକି ?



ପରମାତ୍ମା ସମଗ୍ର ପୃଥିବୀକୁ ସୃଷ୍ଟି କଲେ ଏବଂ ସମଗ୍ର ଜୀବଜନ୍ତୁଙ୍କୁ ମଧ୍ୟ ସୃଷ୍ଟି କଲେ । ପରମାତ୍ମା ଭାବିଲେ ମୋ ସେବା କିଏ କରିବ । ଏହି ସେବାକୁ ମନରେ ଭାବି ମନୁଷ୍ୟକୁ ସୃଷ୍ଟି କରିବା କଥା ଚିନ୍ତା କଲେ । ଗୋଟିଏ ଦିନ ପରମାତ୍ମା ସମୁଦ୍ର ତଟରେ ଏକ ପଥର ଉପରେ ବସି ଭାବିଲେ ଯେ ଏ ସମୁଦ୍ରର ସଫା ମାଟିରେ ମନୁଷ୍ୟକୁ ତିଆରି କରିବି । କିନ୍ତୁ ଏ ସମୁଦ୍ରରୁ ମତେ କିଏ ମାଟି ଆଣିଦେବ । ଏ ସମୟରେ ପରମାତ୍ମା ଗୋଟିଏ କଙ୍କଡାକୁ ଦେଖିଲେ ଏବଂ କଙ୍କଡାକୁ କହିଲେ ହେ କଙ୍କଡାଭାଇ ତମେ ମୋ ପାଇଁ ସମୁଦ୍ରରୁ ସଫା ମାଟି ଆଣି ପାରିବ କି ?

ଖାଖ୍ରା ହଁ କାହ୍ଲାକ୍ । ଆଉର ସାମୁଦାର୍ ମେ ଡେଗ୍ଲାକ୍ । ସାମୁଦାର୍ କେର୍ ନିଚେ ସେ ଆପାନ୍ ଗୋଡ ମେ ମାଟି କୋଇଡ କେ ବାହାରେ ଆୱେକ୍ ଲାଗ୍ଲାକି । ଲେକିନ୍ ଉପ୍ରେ ଆତେ ଆତେ ସଉବ୍ ମାଟି ଗରାଏ ଗେଲାକ୍ । ଖାଖ୍ରା ଧର୍ମେସ୍ ବାବାକେ ମାଟି ଦେୱେକ୍ ନି ପାର୍ଲାକ୍ । ଇକାର୍ ପାଛେ ଧରମେସ୍ ବାବା ଜଁକ୍ଟି କେ ଦେକ୍ଲାଏଁ ଆଉ କାହଲାଏଁ କି; ହେ ଜଁକ୍ଟି ଭାଇ ସାମୁଦାର୍ ସେ ସାଫା ମାଟି ତଏ ଲାଇନ୍ ଦେୱେକ ପାର୍ ବେ କି ? ଧରମେସ୍ ଠିକ୍ ସେ ଆଦେଶ ପାଏ କେ ଜିଆ (ଜଁକଟି) ସାମୁଦାର ଭିତରେ କୁଇଦ ଗେଲାକ୍ । ଆଉର୍ ମାଟି କୋଇଡ୍ କେ ଲାନ୍ଲାକ୍ । ଲେକିନ୍ ପାନିକେର୍ ଉପରରେ ଆତେ ଆତେ ସଉବ୍ ମାଟି ଗରାଏ ଗେଲାଁକ୍ । ଆଉର୍ ଜଁକ୍ଟି ଭି ଧରମେସ୍ ବାବାକେ ମାଟି ଦେୱେକ୍ ନି ପାର୍ଲାକ୍ ।



କଙ୍କଡା ହଁ କହିଲା, ଏବଂ ସମୁଦ୍ରକୁ ଲମ୍ଫଦେଲା । ଗୋଡରେ ମାଟି ଆଣି ବାହାରକୁ ଆସିବାକୁ ଲାଗିଲା, ମାତ୍ର ଆସିବା ସମୟରେ ସମସ୍ତ ମାଟି ପାଣିରେ ଗଳିଗଲା । କଙ୍କଡା ପରମାତ୍ମାଙ୍କୁ ମାଟି ଦେଇ ପାରିଲାନି । ଏହାପରେ ପରମାତ୍ମା ଗୋଟିଏ ଜିଆକୁ ଦେଖିଲେ ଏବଂ କହିଲେ, ଜିଆ ଭାଇ ତୁମେ ମୋ ପାଇଁ ସମୁଦ୍ରରୁ ସଫା ମାଟି ଆଣି ପାରିବ କି ? ପରମାତ୍ମାଙ୍କ କଥାରେ ହଁ ଭରି ଜିଆଁ ସମୁଦ୍ର ଭିତରକୁ ଗଲା ଏବଂ ମାଟି ଆଣିଲା । ମାତ୍ର ଉପରକୁ ଉଠିବା ପୂର୍ବରୁ ସବୁ ମାଟି ପାଣିରେ ଚାଲିଗଲା । ଏପରି ଜିଆ ମଧ ଶୁଦ୍ଧ ମାଟି ଦେଇ ପାରିଲାନି ।

ଇଲାର ପାଛେ ଧରମେସ୍ ଦିଆଁ କେ ଦେଖ୍ ଲାକ୍ । ଉ କାଇସାନ୍ ଭୂଇଁ ଭିତର୍‌ରେ ସେ ମାଟି ନିକ୍‌ଲାଏକେ ସୁନ୍ଦାର୍ ସୁନ୍ଦାର ଘାରନ ମିନାତ୍ ରାହେ । ଇକେ ଦେଇଖ୍ କେ ଧାରମେସ୍ ଦିଆଁ କେ କାହଲାଏଁ, ହେ ଦିଆଁ ଭାଇ ।କ ତଏ ସାମୁଦାର୍ ଭିତ୍‌ରେ ସେ ସାଫା ମାଟି ଲାଇନ୍ ଦେୱେକ୍ ପାର୍ ବେକି ଦିଆଁ ଇ ସୁଇନ୍ କେ ଧର୍‌ମେସ୍ ବାବା କେ ହାଁତ ଯୋଇଡ୍‌କେ କାହଲାକ୍, ହେ ଧର୍‌ମେସ୍ ବାବା, ଆଗାର ତଏଁ ଇ ସାମୁଦାର୍ କେର୍ ଦୁଇଭାଗ୍ କାଇର୍ ଦେବେ ହୋଲେ ମଏଁ ସାମୁଦାର୍ କେର୍ ମାଟିକେ ଦେଖେକ୍ ପାର୍‌ବଁ, ଆଉର ମାଟି ଲାନେକ୍ ପାର୍‌ବଁ । ଜିଆଁ କେର୍ ଗଇଠ୍ ସୁଇନ୍‌କେ ସାଙ୍ଗେ ସାଙ୍ଗେ ଧର୍‌ମେସ୍ ସାମୁଦାର୍‌କେ ଦୁଇବାଗ୍ କାଇର୍ ଦେଲାଏଁ । ଆଉର୍ ଜିଆଁ ସାମୁଦାର୍ ସେ ସୁଦ୍ଧ୍ (ସାପା) ମାଟି ଲାଇନ୍ କେ ଧରମେସ୍ କେ ଦେଲାକ୍ ।



ଏହାପରେ ପରାମାତ୍ମା ଉଇକୁ ଏକ ସୁନ୍ଦର ଘର କରୁଥିବାର ଦେଖିଲେ । ଉଇକୁ ଦେଖି କହିଲେ, ଉଇଭାଇ, ତମେ କଣ ମୋ ପାଇଁ ସମୁଦ୍ରରୁ ସଫା ମାଟି ଆଣି ପାରିବ ? ଉଇ ହାତ ଯୋଡିକରି କହିଲା ହେ ପରମାତ୍ମା ତୁମେ ଯଦି ସମୁଦ୍ରକୁ ଦୁଇଭାଗ କରାଇଦେବ ତେବେ ମୁଁ ଶୁଦ୍ଧ ମାଟି ଆଣି ପାରିବି । ଉଇ କଥା ଶୁଣି ପରମାତ୍ମା ସଙ୍ଗେ ସଙ୍ଗେ ସମୁଦ୍ରକୁ ଦୁଇଭାଗ କରିଦେଲେ ଏବଂ ଉଇ ସମୁଦ୍ର ଭିତରକୁ ଯାଇ ଶୁଦ୍ଧ ମାଟି ଆଣି ପରମାତ୍ମା କୁ ଦେଲା ।

ଇ ମାଟି ଧାଇର୍ କେ ଧାରମେସ୍ ହିମାଳୟ ପାହାଡ଼୍ ନିଚେ ଗୋଟେକ୍ ଝାର୍ନା କେର୍ ପାଶେ ବୈଠଲେଁ। ଓ ହେ ଝାର୍ନା କେର୍ ପାଶେ ଗୋଟେକ୍ କାରାମ୍ ଗାଛରାହେ। ଓହେ କାରାମ୍ ଗାଛ କେର୍ ନିଚେ ଧାର୍ମେସ୍ ମାନୁଷ୍ କେ ବାନାଏକ୍ ସୋଚ୍ଲାଏଁ। ଧାରମେସ୍ କେ ମାନଓ୍ୱାକେ ପୂରା ବାନାଏକ୍ ଲାଗିନ୍ ଲାଗ୍ଭାଗ୍ ବାରାତେର। ବାରାସ ଲାଗ୍ଲାକ୍। ଧାରମେସ୍ ଇ, ମାନ୍ଓ୍ୱାକେ ବାନାଏକ୍ ସିରାଲାଏକ୍ ଭାବେ କାରାମ୍। ମାହିନାକେର ଆନ୍ଧାରିଆ ଏକାଦଶୀ ମେଁ । ଓହେକେ ଇୟାଇଦ୍ କାରେକ୍ ଲାଗିନ୍ ମାନ୍ଓ୍ୱା ଜାଇତ୍ ଭାଦୋ ମାହିନା କେର୍ ଆନ୍ଧାରିଆ ଏକାଦଶୀ ଦିନ୍କେ ରାଇଜ୍ କାର୍ମା ପାରାବ୍ ରୂପ୍ ମେ ପୂଜା କାରାଏନ୍।

ପରମାତ୍ମା ସେହି ମାଟିନେଇ ହିମାଳୟ ପାଦଦେଶରେ ଥିବା ଏକ ଝରଣା କୂଳରେ ବସିଲେ। ସେହି ଝରଣା ପାଖରେ ଗୋଟିଏ କରମା ଗଛଥିଲା। ସେହିଠାରେ ବସି ପରମାତ୍ମା ମନୁଷ୍ୟକୁ ସୃଷ୍ଟିକରିବା ଚିନ୍ତା କଲେ। ମନୁଷ୍ୟକୁ ପୂର୍ଣ୍ଣରୂପ ଦେବାଲାଗି ତାଙ୍କୁ ପ୍ରାୟ ବାର ତେର ବର୍ଷ ଲାଗିଗଲା। ପରମାତ୍ମା ମନୁଷ୍ୟକୁ ତିଆରି କରିବା କାର୍ଯ୍ୟ ଭାଦ୍ରବ ମାସର କୃଷ୍ଣପକ୍ଷ ଏକାଦଶୀ ଦିନ ସମାପନ କରିଥିଲେ। ତେଣୁ ଏହି ଦିନକୁ ମନେ କରିବା ପାଇଁ ସଂସାରର ମନୁଷ୍ୟମାନେ ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀକୁ କାରମା ପର୍ବ ରୂପେ ପାଳନ କରନ୍ତି।

